# ପୌର ପରିଷଦରେ ପରିବର୍ତ୍ତନ ଆଣନ୍ତୁ: ନରସିଂହ



ବିଧାୟକ ନରସିଂହ ମିଶ୍ରଙ୍କ ସହ ପୌରାଧ୍ୟକ୍ଷା ପ୍ରାର୍ଥୀ ଓ କାଉନସିଲର ପ୍ରାର୍ଥୀ ନିର୍ବାଚନୀ ପ୍ରଚାର କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୦।୩**

ବଲାଙ୍ଗୀର ପୌର ପରିଷଦରେ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ତିନିତିନି ଥର ଲୋକେ ଭୋଟ ଦେଇ ବିଜୟୀ କରିଥିବାରୁ ସେହି ଦଳ ଅହଙ୍କାରୀ, ଏକଛତ୍ରବାଦୀ ହୋଇଗଲାଣି। ଗତ ତିନି ପାଳିର ଅଧ୍ୟକ୍ଷ, ଅଧ୍ୟକ୍ଷା ପୌର ପରିଷଦର ବିକାଶ ପରିବର୍ତ୍ତେ ବିନାଶ କରିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା, ନାଳନର୍ଦ୍ଦମା ସଫେଇ, ବନ୍ଧ ପୋଖରୀ ସୁରକ୍ଷା ତଥା ବିଭିନ୍ନ ସରକାରୀ ଯୋଜନାରେ ଆସୁଥିବା ଟଙ୍କାକୁ ହରିଲୁଟ କରି ସେମାନେ ନିଜର ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧି କରିଛନ୍ତି। ପୌରାଞ୍ଚଳରେ ବିଜେଡିର ସେହି ପୂର୍ବ ଅଧ୍ୟକ୍ଷ, ଅଧ୍ୟକ୍ଷା ନିଜ ପାଇଁ କୋଟି କୋଟି ଟଙ୍କାର ଜମି ଓ କୋଠାବାଡି କିଣିଛନ୍ତି। ଏଣୁ ଏକ ଲୋକାଭିମୁଖୀ ପୌର ପରିଷଦ ଗଠନ ପାଇଁ ଲୋକେ ଏପରି ଏକ ଦୁର୍ନୀତିଗ୍ରସ୍ତ ପୌର ପରିଷଦକୁ ପରିବର୍ତ୍ତନ କରନ୍ତୁ ଏବଂ କଂଗ୍ରେସ ଅଧ୍ୟକ୍ଷା ପ୍ରାର୍ଥିନୀ ମିଲନୀ ସାହୁ ଏବଂ ସମସ୍ତ କାଉନସିଲର ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ବିଧାୟକ ନରସିଂହ ମିଶ୍ର ପୌର ନିର୍ବାଚନ ପ୍ରଚାର ବେଳେ ରବିବାର କହିଛନ୍ତି। ୱାର୍ଡ ନମ୍ବର ୮ରେ କାଉନସିଲର ପ୍ରାର୍ଥିନୀ ସୁଧା ସିଂଦେଓ, ୱାର୍ଡ ନମ୍ବର ୯ ରେ ସନ୍ତୋଷିନୀ କୁମ୍ଭାର, ୱାର୍ଡ ନମ୍ବର ୧୪ର ପ୍ରାର୍ଥିନୀ

## ବିଭିନ୍ନ ୱାର୍ଡରେ କଂଗ୍ରେସର ମାରାଥନ୍ ପ୍ରଚାର

ଜ୍ୟୋତ୍ସ୍ନା ବେହେରା ଏବଂ ୱାର୍ଡ ନମ୍ବର ୧୮ର ପ୍ରାର୍ଥୀ ସୁରେନ୍ଦ୍ର ଅଶ୍ୱପାଳଙ୍କ ପାଇଁ ବିଧାୟକ ମିଶ୍ର ନୀଳାଦ୍ରି ବିହାର, ଗୋକୁଳ ଧାମ, ରୟାଲ ରେସିଡ଼େନ୍ସି, ସିଲିକନ ଭେଲି, ବ୍ରାହ୍ମଣପଡା ଏବଂ ୱାର୍ଡ ନମ୍ବର ୧୪ର ବିଭିନ୍ନ ଗଳିକନ୍ଦି ବୁଲି ପଥପ୍ରାନ୍ତ ସଭା ଓ ଶୋଭାଯାତ୍ରା କରିଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ଗତ ପୌର ପରିଷଦ ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ ମଶାତେଲ, ଫିନାଇଲ ଓ ବ୍ଲିଚିଂ ପାଉଡର କିଣାରେ ଅର୍ଥ ଆତ୍ମସାତ କରି ନିଜର ବ୍ୟକ୍ତିଗତ ସମ୍ପତ୍ତି ବଢାଇଛନ୍ତି। ଗତ ପୌର ପରିଷଦର ଆର୍ଥିକ କାରବାର ସମ୍ବନ୍ଧରେ ସିଏଜି ବଲାଙ୍ଗୀର ପୌର ପରିଷଦ ଦ୍ୱାରା କିଣାଯାଇଥିବା ବିଭିନ୍ନ ପ୍ରକାର ବିଜୁଳି ଉପକରଣ, ଷ୍ଟ୍ରିଟ୍ ଲାଇଟ ଏବଂ ଧୂଳିସଫା ମେଶିନରେ ଆର୍ଥିକ ଅନିୟମିତତା ହୋଇଛି ବୋଲି ନିଜ ରିପୋର୍ଟରେ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷା ପ୍ରାର୍ଥିନୀ ମିଲନୀ ସାହୁ ନିଜ ବକ୍ତବ୍ୟରେ ବଲାଙ୍ଗୀରବାସୀ ଏକ ହୋଇ ବିକାଶ ସପକ୍ଷରେ ଭୋଟ ଦେଇ କଂଗ୍ରେସ ଦଳର ସମସ୍ତ ପ୍ରାର୍ଥୀ, ପ୍ରାର୍ଥିନୀଙ୍କୁ ବିପୁଳ ପରିମାଣରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

# ବିଜେଡିର ବିକାଶ ଲୋକଙ୍କ ପାଖରେ ପହଞ୍ଚିଛି: ଅନଙ୍ଗ



ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ସହ ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ ଲିକା ସାହୁ ଓ କାଉନସିଲର ପ୍ରାର୍ଥୀ ପ୍ରଚାର କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୦।୩**

କଂଗ୍ରେସ ଶାସନରେ ବିକାଶ ବାଟବଣା ହୋଇଯାଉଥିଲା। ବିକାଶ ପ୍ରକଳ୍ପ ଲୋକଙ୍କ ପାଖରେ ପହଞ୍ଚି ପାରୁ ନ ଥିଲା। ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିଲେ। ଏବେ ବିଜେଡିର ବିକାଶମୁଖୀ ଶାସନତନ୍ତ୍ର ଲୋକଙ୍କ ପାଖରେ ପହଞ୍ଚିଛି। ପ୍ରତ୍ୟେକ ଯୋଜନାରେ ଲୋକେ ଯୋଡ଼ି ହେଉଛନ୍ତି। ଏହି କାରଣରୁ ଓଡିଶାର ଜନସାଧାରଣ ନବୀନ ବାବୁଙ୍କୁ ବିଜୟୀ କରିଆସୁଛନ୍ତି। ପଞ୍ଚାୟତ ନିର୍ବାଚନରେ ବିପୁଳ ବିଜୟ ପରେ ବିଜେଡି ପୌର ନିର୍ବାଚନରେ ମଧ୍ୟ ଲୋକଙ୍କ ଆସ୍ଥାଭାଜନ ହେବାକୁ ଯାଉଛି। ବଲାଙ୍ଗୀର ପୌରାଞ୍ଚଳରେ ମଧ୍ୟ ବିଜେଡିର ବିକାଶମୂଳକ କାର୍ଯ୍ୟକୁ ଲୋକେ ସମର୍ଥନ କରି ବିପୁଳ ସଂଖ୍ୟାରେ ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ ଲିକା ସାହୁ ଏବଂ ସମସ୍ତ କାଉନସିଲର ପ୍ରାର୍ଥିନୀ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବେ ବୋଲି ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ନିର୍ବାଚନୀ ପ୍ରଚାର ବେଳେ କହିଥିଲେ। ସିଂଦେଓ ରବିବାର ବିଭିନ୍ନ ୱାର୍ଡରେ ନିର୍ବାଚନୀ ପ୍ରଚାର କରିଥିଲେ। ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ତାଙ୍କ ସହଧର୍ମିଣୀ ଆଦ୍ରିଜା କୁମାରୀ ସିଂଦେଓଙ୍କ ସହ ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ ଲିକା ସାହୁ ସହରର ବିଭିନ୍ନ ୱାର୍ଡରେ ପ୍ରଚାର କରିଥିଲେ। ଦୀର୍ଘ ୨୨ବର୍ଷର ବିଜେଡି ସରକାର ଜନସାଧାରଣଙ୍କ ଆସ୍ଥାଭାଜନ ହୋଇଥିବାରୁ ବିଜେଡିର ଲୋକପ୍ରିୟତା ବଢ଼ିଚାଲିଛି। ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକେ ପସନ୍ଦ କରୁଛନ୍ତି। ବଲାଙ୍ଗୀର ପୌରାଞ୍ଚଳରେ ଲୋକେ ବିଜେଡିର ବିକାଶମୂଳକ କାର୍ଯ୍ୟକୁ ସମର୍ଥନ କରୁଛନ୍ତି ବୋଲି କହିଥିଲେ। ଆଗକୁ ପୌର ନିର୍ବାଚନରେ ସହରାଞ୍ଚଳବାସୀ ବିଜେଡିକୁ ବିପୁଳ ସମର୍ଥନ ଦେଇ ବିଜୟୀ କରିବେ ବୋଲି କହିଥିଲେ। ସଭାରେ ବିଭିନ୍ନ ୱାର୍ଡର ବିଜେଡି କାଉନସିଲର ପ୍ରାର୍ଥୀ ସହ ବିଜେଡି କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।







## ବାଲି, ପଥର ଚୋରାଚାଲାଣ ଉପରେ ଚଢ଼ାଉ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ପକ୍ଷରୁ ବେଆଇନ ବାଲି ଓ ପଥର ଚୋରାଚାଲାଣ ଉପରେ କିଛିଦିନ ହେଲା ରାଜସ୍ୱ ବିଭାଗ ଚଢ଼ାଉ ଆରମ୍ଭ କରିଛି । ଶୁକ୍ରବାର ଦେଓଗାଁ ବସ୍‌ଷ୍ଟାଣ୍ଡ ଦେଇ କନକପୁରର ଏକ ଟ୍ରାକ୍ଟର ବାଲି ବୋଝେଇ ହୋଇ ଆସୁଥିବା ବେଳେ ରାଜସ୍ୱ ନିରୀକ୍ଷକ ଅଧିର କୁମାର ନାଏକ ଉକ୍ତ ଗାଡିକୁ ଅଟକାଇଥିଲେ । ପରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ୧୦ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି ମୁଣ୍ଡପଲାରେ ଏକ ପଥର ବୋଝେଇ ଟ୍ରାକ୍ଟରରୁ ୨୦ହଜାର ଓ କେନ୍ଦୁଘାଟରୁ ଏକ ବାଲିବୋଝେଇ ଟ୍ରାକ୍ଟରରୁ ୧୦ହଜାର ଏହିପରି ମୋଟ ୪୦ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ଆରଆଇ ନାଏକ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ୨ ଗିରଫ

ରାଉରକେଲା ଅଫିସ,୨୦।୩: ଜଙ୍ଗଲକୁ ଜାଳେଣୀ କାଠ ଆଣିବାକୁ ଯାଇଥିବା ବେଳେ ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଦୀସ ଲାର୍କା(୨୬) ଓ ବିକାଶ ହର(୨୧)। ଉଭୟ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଝାଡତରଙ୍ଗ ଅଞ୍ଚଳର ଜଣେ ଯୁବତୀ ଶୁକ୍ରବାର ସାଢ଼େ ୧୨ଟାରେ ଗୋଟିଧରା ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ପ୍ରଦୀସ ଓ ବିକାଶ ଏକ ବାଇକ (ନଂ.ଓଆର୧୪ଭି/୭୨୭୭) ଯୋଗେ ଆସି ଯୁବତୀଙ୍କୁ ଜଙ୍ଗଲରେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା (ନଂ.୬୨/୨୨) ରୁଜୁ କରି ହାତିବାରୀ ଅଞ୍ଚଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ପ୍ରେମ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ରାଉରକେଲା ଅଫିସ,୨୦।୩: ଜଣେ ନାବାଳିକାଙ୍କୁ ପ୍ରେମ ପ୍ରତାରଣା ଅଭିଯୋଗରେ ରାଉରକେଲା ଉଦିତନଗର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଶ୍ୟାମ ଓରାମ(୩୦)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଗତ କିଛି ମାସ ତଳେ ବୀରମିତ୍ରପୁର କଚାରୁ ଅଞ୍ଚଳର ଶ୍ୟାମ ଓ ବାସନ୍ତୀ କଲୋନୀର ଆମ୍ବେଦକର ନଗର ବସ୍ତିର ଜଣେ ନାବାଳିକାଙ୍କ ମଧ୍ୟରେ ଫେସବୁକ୍‌ରୁ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରେ ଯୁବକ ଜଣଙ୍କ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକାଙ୍କ ପରିବାର ଲୋକେ ଏହା ଜାଣିବା ପରେ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ଶୁକ୍ରବାର ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୬୧/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କଚାରୁ ଅଞ୍ଚଳରୁ ଗିରଫ କରିଥିଲା।

### ଗୌରୀ ପାତ୍ର କଂଗ୍ରେସରୁ ନିଲମ୍ବିତ

ସମ୍ବଲପୁର,୨୦।୩(ବ୍ୟୁରୋ): ସମ୍ବଲପୁର ଜିଲା ରେଢ଼ାଖୋଲ ନଗର କଂଗ୍ରେସ ପୂର୍ବତନ ସଭାପତି ଗୌରୀ ପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯାଇଛି । ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ପ୍ରେସ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି । ରେଢ଼ାଖୋଲ ବ୍ଲକ ଓ ଏନଏସିରେ ଦଳ ପାଇଁ କାମ କରୁ ନ ଥିଲେ । ଗତ ପଞ୍ଚାୟତ ନିର୍ବାଚନ ଓ ବର୍ତ୍ତମାନ ଏନଏସି ନିର୍ବାଚନରେ ପ୍ରଚାରରେ ସହଯୋଗ କରୁନାହାନ୍ତି । ଅନ୍ୟପଟେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟ କରୁଛନ୍ତି । ସେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଯୋଗୁ ଦଳ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି ।

# ତିଆରି କରାଯିବ କୃତ୍ରିମ ଚଢ଼େଇ ବସା

ସମ୍ବଲପୁର,୨୦।୩(ବ୍ୟୁରୋ)

ଆଜି ହେଉଛି ବିଶ୍ୱ ଘରଚଟିଆ ଦିବସ। ଏହି ଅବସରରେ ସମ୍ବଲପୁର ସିଏସବି ଜିଲା ସ୍କୁଲ ପ୍ରେକ୍ଷାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘରଚଟିଆଙ୍କ ବଂଶ ଲୋପ ପାଉଥିବା ବେଳେ ସେମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିଲାଗି ସମ୍ବଲପୁର ଓ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ କୃତ୍ରିମ ଚଢେଇ ବସା ତିଆରି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାସହ ଘରଚଟିଆଙ୍କ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରାଯାଇଛି। ସମ୍ବଲପୁର ଚଢେଇ କ୍ଲବ, ହୀରାକୁଦ ବନ୍ୟପ୍ରାଣୀ ବିଭାଗ, ଓଲ୍ଡ ବଏଜ ଆସୋସିଏଶନ ଓ ସିଏସବି ଜିଲା ସ୍କୁଲର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ଅଂଶୁପ୍ରଜ୍ଞା ଦାସ, ସମ୍ବଲପୁର ବନ ବିଭାଗ ଡିଏଫଓ ବିଶନାଥନ ନୀଳାମ୍ବରମ, ଚଢେଇ କ୍ଲବର ସଭାପତି ଆଶିଷ ପ୍ରଧାନ, ଚଢେଇ କ୍ଲବ ସଦସ୍ୟ, ଜିଲା ସ୍କୁଲର ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


ବିଶ୍ୱ ଘରଚଟିଆ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ।

### ନିଆରା ଢଙ୍ଗରେ ବିଶ୍ୱ ଘର ଚଟିଆ ଦିବସ

ଏହି ଅବସରରେ ଘରଚଟିଆ ଲୋପ ପାଇବାର କାରଣ, ଏହାକୁ କିପରି ସୁରକ୍ଷା ଦିଆଯାଇପାରିବ ସେନେଇ ଆଲୋଚନା କରାଯିବା ସହ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। ସମ୍ବଲପୁର ଜିଲା ସ୍କୁଲ ପରିସରରେ ଥିବା ବିଭିନ୍ନ ଗଛ ଓ ଘରଗୁଡ଼ିକରେ କୃତ୍ରିମ ଚଢେଇ ବସାଗୁଡ଼ିକ ଟଙ୍ଗା ଯାଇଥିଲା। ମୁଖ୍ୟତଃ ସମ୍ବଲପୁର ଚଢେଇ କ୍ଲବର ଉଦ୍ୟମରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ସମ୍ବଲପୁର ଓ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଘରଚଟିଆଙ୍କ ପାଇଁ ଏଭଳି କୃତ୍ରିମ ବସା ଟଙ୍ଗାଯିବ ବୋଲି ମତ ପ୍ରକାଶ ପାଇଥିଲା।

# ପେଲେଟ ପ୍ଲାଣ୍ଟରେ ଚାପି ହୋଇ ଠିକା ଶ୍ରମିକଙ୍କ ଜୀବନ ଗଲା

### ଶ୍ୟାମ ମେଟାଲିକ୍ସ କମ୍ପାନୀର ଅବହେଳା ଅଭିଯୋଗ

ସମ୍ବଲପୁର,୨୦।୩(ବ୍ୟୁରୋ)

ସମ୍ବଲପୁରର ରେଙ୍ଗାଲିସ୍ଥିତ ଶ୍ୟାମ ମେଟାଲିକ୍ସରେ ବାରମ୍ବାର ଦୁର୍ଘଟଣା ଘଟି ଶ୍ରମିକଙ୍କ ମୃତ୍ୟୁ ଘଟୁଛି। କମ୍ପାନୀ ଅବହେଳା ଯୋଗୁ ଏଭଳି ଘଟୁଥିବା ଅଭିଯୋଗ ହେଉଛି। ଶନିବାର ବିଳମ୍ବିତ ରାତିରେ ପେଲେଟ ପ୍ଲାଣ୍ଟର ବେଲ୍ଟରେ ଚାପି ହୋଇ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଅନୁଗୋଳ ଜିଲାର ସଂଗ୍ରାମ କେଶରୀ ପାଳ (୫୧) ।ଏନେଇ ରେଙ୍ଗାଲି ଥାନାରେ ନଂ ୫୮/୨୧ରେ ମାମଲା ରୁଜୁ ହୋଇଛି। ସଂଗ୍ରାମଙ୍କ ପୁଅ ରିତିକାନ୍ତ ଅଭିଯୋଗ କରିଛନ୍ତି ଯେ, ଶନିବାର ରାତିରେ ତାଙ୍କ ବାପା ପେଲେଟ ପ୍ଲାଣ୍ଟରେ କାମ କରୁଥିଲେ। ସେହି ସମୟରେ ପ୍ଲାଣ୍ଟ ବେଲ୍ଟରେ ଚାପି ହୋଇ ଯାଇଥିଲେ। ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି ଯେ, ଦୁର୍ଘଟଣା ଘଟିଛି। ହେଲେ କେଉଁ କାରଣରୁ ଦୁର୍ଘଟଣା ହୋଇଛି ତଦନ୍ତ କରାଯାଉଛି। ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଅସୁରକ୍ଷିତ ଅବସ୍ଥାରେ ଆଶ୍ରମ ବିଦ୍ୟାଳୟ

କୁଆଁରମୁଣ୍ଡା,୨୦।୩(ଡି.ଏନ.ଏ.)

ତଫସିଲଭୁକ୍ତ ଜାତି/ଜନଜାତି ବର୍ଗର ପିଲାମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ସେଠାରେ ପିଲାମାନେ ପାଠ ପଢିବା ସହ ରହିବା ପାଇଁ ହଷ୍ଟେଲ ଇତ୍ୟାଦିର ବ୍ୟବସ୍ଥା ରହିଛି। ବିନା ଅନୁମତିରେ କୌଣସି ବାହାର ବ୍ୟକ୍ତି ଏପରି କି ଛାତ୍ରୀଛାତ୍ରମାନଙ୍କ ଅଭିଭାବକମାନେ ବିଦ୍ୟାଳୟ ପରିସର ଭିତରକୁ ଯାଇପାରନ୍ତି ନାହିଁ । ହେଲେ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଆଶ୍ରମ ବିଦ୍ୟାଳୟର ଗେଟ୍ ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘ ମାସ ହେଲା ପଡି ରହିଛି। ଫଳରେ ଏଠାକାର ଛାତ୍ରୀଛାତ୍ରମାନେ ଯେ କେତେ ସୁରକ୍ଷିତ ତାହା ସହଜରେ ଅନୁମେୟ ।

ଲାଞ୍ଜିବେର୍ଣ୍ଣା ଆଶ୍ରମ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରାଯାଇଥାଏ। ଏଠାରେ ୧୫୦ ଜଣ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି । ସେମାନଙ୍କ ମଧ୍ୟରୁ ୧୧୦ ଜଣ ଛାତ୍ରୀ ହୋଇଥିବା ବେଳେ ୪୦ ଜଣ ଛାତ୍ର ଅଛନ୍ତି। ୧୧୦ ଜଣ ଛାତ୍ରୀଙ୍କ ମଧ୍ୟରୁ ୧୦୦ ଜଣ ତଫସିଲଭୁକ୍ତ ଜନଜାତି ବର୍ଗର ହୋଇଥିବା ବେଳେ ୧୦ ଜଣ ଛାତ୍ରୀ ତଫସିଲଭୁକ୍ତ ଜାତି ବର୍ଗର ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଛାତ୍ରୀଛାତ୍ରମାନଙ୍କୁ ଦେଖାଶୁଣା କରିବା ପାଇଁ ଜଣେ ମ୍ୟାଟ୍ରନ ବିଦ୍ୟାଳୟରେ ରହୁଛନ୍ତି। କରୋନା ଯୋଗୁ ଦୀର୍ଘ ୨ ବର୍ଷ ହେଲା ବିଦ୍ୟାଳୟ ବନ୍ଦ ରହିଥିବା ସତ୍ତ୍ୱେ ଉକ୍ତ ବିଦ୍ୟାଳୟର ଗେଟ୍ ନିର୍ମାଣ ନ ହୋଇ ଖୋଲାମେଲା ଭାବେ ପଡିରହିଛି । ଏ ନେଇ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତା ପଟେଲଙ୍କୁ ପଚାରିବାରେ ନୂତନ ଗେଟ୍ ନିର୍ମାଣ କରିବା ପାଇଁ ଠିକାଦାର କେବଳ କାର୍ଯ୍ୟ ଆରମ୍ଭ କରି ଦୀର୍ଘମାସ ହେଲା କାମ ବନ୍ଦ କରି ରଖିଛନ୍ତି । ଫଳରେ ଗେଟ୍ ନ ଥିବାରୁ ହଷ୍ଟେଲ ସୁରକ୍ଷା ନେଇ ଆମେ ଚିନ୍ତାରେ ଅଛୁ । ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ରେଢ଼ାଖୋଲ ଏନଏସିରେ ପ୍ରଚାର ସରଗରମ

ରେଢାଖୋଲ,୨୦।୩(ଡି.ଏନ.ଏ.)

ରେଢାଖୋଲ ଏନଏସି ନିର୍ବାଚନ ଆଉ ମାତ୍ର ୩ ଦିନ ଥିବା ବେଳେ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ରବିବାର ଅତାବିରା ବିଧାୟିକା ତଥା ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସମ୍ବଲପୁର ଜିଲା ସଭାନେତ୍ରୀ ବନ୍ଦିତା ମିଶ୍ର, ସଂପାଦିକା ରୁପାଞ୍ଜଳି ରଣବିଡା, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ,ମହିଳା ଉପସଭାନେତ୍ରୀ ଉଷା ପ୍ରଧାନ, ସିପ୍ରା ମହାନ୍ତି, ମୋ ପରିବାର ଅଧ୍ୟକ୍ଷା କବିତା ପୁରୋହିତ, କଳ୍ପନା ମିଶ୍ର ପ୍ରମୁଖ ଏନଏସିର ବିଭିନ୍ନ ୱାର୍ଡକୁ ଯାଇ ଘର ଘର ବୁଲି ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ । ସେହିପରି ବିଧାୟକ ଇଂ ରୋହିତ ପୂଝାରୀ, ବରିଷ୍ଠ ବିଜେଡି ନେତା ଅନାଦି ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପଧାନ ଙ୍କ ସହ ବହୁ ବିଜେଡି ନେତା ପ୍ରାର୍ଥୀମାନଙ୍କୁ ସାଙ୍ଗରେ ଧରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରି ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ସୁନୀଲ ପ୍ରଧାନଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ସେହିପରି ଭାଜପାର ପ୍ରାର୍ଥୀମାନଙ୍କ ସପକ୍ଷରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ସଭାପତି ଗିରଶ ପଟେଲଙ୍କ ସମେତ ବହୁ ଭାଜପା ନେତା ବିଭିନ୍ନ ୱାର୍ଡ କୁ ଯାଇ ସଭା ସମିତି କରି ପ୍ରଚାର ଅଭିଯାନ ଜୋରଦାର କରିଛନ୍ତି। ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଓ ଦଳୀୟ ନେତାମାନେ କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥୀ ସଜଳକାନ୍ତ ପାଲଙ୍କୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରୁଥିବା ଦେଖିବାକୁ ମିଳିଛି ।

# ଟୋଲ ଫି ମୁକ୍ତ ପାଇଁ ଜନସଭା

ପଡିଆବାହାଲ,୨୦।୩

୫୩ ନମ୍ବର ଜାତୀୟ ରାଜପଥର ନିଲଡୁଙ୍ଗରୀଠାରେ ହେବାକୁ ଥିବା ଟୋଲଗେଟକୁ ନେଇ ରବିବାର ପଡିଆବାହାଲ ଦୁର୍ଗାମଣ୍ଡପଠାରେ ଏକ ବିରାଟ ଜନସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟୋଲ ଫି ମୁକ୍ତ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ସଭାରେ ଗେଟ ଠାରୁ ୨୦ କି.ମି ବ୍ୟାସାର୍ଦ୍ଧ ଭିତରେ ଆସୁଥିବା ବାହାମ, କୁକୁଡାପାଲି, କବରାପାଲି,ଜୟନ୍ତପୁର, ଘେନୁପାଲି, ନୂଆଁବରଙ୍ଗାମାଲ, ମେଘପାଳ, କୁଲୁଣ୍ଡି, ମୁଣ୍ଡେନପାଲି, ଖରସନମାଲ ପ୍ରଭୃତି ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ସହ ଗାଡି ମାଲିକମାନେ ଉପସ୍ଥିତ ରହିଥିଲେ । ରାସ୍ତା ନିର୍ମାଣ ପରେ ଟୋଲଗେଟ କାର୍ଯ୍ୟକାରୀ କରିବା ଓ ୨୦ କିମି ଭିତରେ ଆସୁଥିବା ଅଞ୍ଚଳରେ ଥିବା ୪ ଚକିଆ ଗାଡି ସହିତ ଭାରୀଯାନକୁ କରମୁକ୍ତ କରିବା ନେଇ ଆଲୋଚନା କରାଯାଇଥିଲା। ସଭାରେ ଅଞ୍ଚଳର ବରିଷ୍ଠ ନାଗରିକ ସୁବୋଧ କୁମାର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଞ୍ଚଳର ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ଟୋଲଫି ମୁକ୍ତ ପାଇଁ ସରକାରଙ୍କ ନୀତି ନିୟମ ବିଷୟରେ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଚଳିତ ମାସ ଶେଷ ସୁଦ୍ଧା ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ ଆଲୋଚନା କରିବା ସହ ସ୍ମାରକ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି ।

# ଭୋଇପାଲି ଜଗନ୍ନାଥ ମନ୍ଦିର ରତ୍ନମୁଦ ସ୍ଥାପନ

ସମ୍ବଲପୁର,୨୦।୩(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ୪୦ନମ୍ବର ୱାର୍ଡ ଭୋଇପାଲି ଗ୍ରାମର ନୂତନ ଜଗନ୍ନାଥ ମନ୍ଦିର ରତ୍ନମୁଦ ସ୍ଥାପନ ହୋଇଯାଇଛି। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମ ତଥା ଆଖପାଖ ଗ୍ରାମର ଶତାଧିକ ଭକ୍ତ ଯୋଗ ଦେଇଥିଲେ। ପଣ୍ଡିତ ଅମରନାଥ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ବିଜୟ କୁମାର ପାଢୀ ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପଞ୍ଚଧାତୁ, ପଞ୍ଚ ଶସ୍ୟ ସଂଗ୍ରହ କରି ରତ୍ନମୁଦ ସ୍ଥାପନ ହୋଇଥିଲା। ଗ୍ରାମର ଦୀନବନ୍ଧୁ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ଟଙ୍କଧର ଖଟୁଆଲ, ରାଜେନ୍ଦ୍ର ଭୁକ୍ତା ନେତୃତ୍ୱ ନେଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ପ୍ରାୟ ଶହେ ବର୍ଷ ପୂର୍ବରୁ ଗ୍ରାମର ଗଣେଶ ରାମ ପଣ୍ଡା ଶ୍ରୀଜଗନ୍ନାଥଙ୍କୁ ସ୍ଥାପନା କରିଥିଲେ। ସେହିଦିନରୁ ଠାକୁର ପୂଜା ପାଇ ଆସୁଛନ୍ତି। ରଥଯାତ୍ରା ବେଶ ଧୂମଧାମରେ ଏଠାରେ ପାଳନ ହୋଇଥାଏ । ଏବେ ପୂଜା ପାଉଥିବା ସ୍ଥାନ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ତେଣୁ ଗ୍ରାମବାସୀ ବୈଠକ କରି ନୂତନ ମନ୍ଦିର ନିର୍ମାଣ କରିବାକୁ ସ୍ଥିର କରିଥିଲେ। ନୟାଗଡରୁ ରାଜମିସ୍ତ୍ରୀ ଆଣି ୨୦୨୧ ଡିସେମ୍ବର ମାସରୁ ନିର୍ମାଣ କାମ ଆରମ୍ଭ ହୋଇଥିଲା। ୩ ମାସରେ ମନ୍ଦିର ନିର୍ମାଣ କାମ ଶେଷ ହୋଇଯାଇଛି। କେବଳ ରଙ୍ଗ ଓ କିଛି ସାଜସଜା କାମ ବାକି ରହିଛି। ଏହି କାମ ଶେଷ ହୋଇଗଲେ ମନ୍ଦିର ପ୍ରତିଷ୍ଠା ହେବ ବୋଲି ଗ୍ରାମବାସୀ କହିଛନ୍ତି।


ରତ୍ନମୁଦ ଅବସରରେ ପୂଜାର୍ଚ୍ଚନା ।

# ଅଗ୍ନିକାଣ୍ଡ ଘଟି ୪ ବଖରା ଭସ୍ମୀଭୂତ

ନାକଟିଦେଉଳ,୨୦।୩(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତର କତରାପାଲି ଗ୍ରାମରେ ଶୁକ୍ରବାର ରାତ୍ରିରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ଗ୍ରାମର ଦାଶରଥୀ ସାହୁ ଓ ସରବର ସାହୁ ଗାଁ ମୁଣ୍ଡରେ ନିଜ ଜମିରେ ୪ ବଖରା ଘର କରିଥିଲେ। ତେବେ କୌଣସି କାରଣରୁ ନିଆଁ ଲାଗିଯିବାରୁ ଏହି ଘର ସହ ୩ଟି ଛେଳି ପୋଡି ଯାଇଛନ୍ତି। ଏହାଛଡା ବଗିଚା କାମ ପାଇଁ ରଖାଯାଇଥିବା ୩ଟି ପାଣି ମୋଟର,୨ଟି ସ୍ପ୍ରେ ମେଶିନ, ସାର ବସ୍ତା ସମେତ ଅନ୍ୟାନ୍ୟ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ନାକଟିଦେଉଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। କ୍ଷୟକ୍ଷତିର ପରିମାଣ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ନାଗରିକ ସମନ୍ୱୟ କମିଟିର ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୦।୩(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ଧନୁପାଲି, ଗୋବିନ୍ଦତୋଳା, ଭତ୍ରା ଓ ପୁଟିବନ୍ଧକୁ ନେଇ ଗଠିତ ନାଗରିକ ସମନ୍ୱୟ କମିଟିର ଏକବର୍ଷ ପୂର୍ତ୍ତି ଅବସରରେ ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ସଭାପତି ରାଜେନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମା' ସମଲେଶ୍ୱରୀଙ୍କ ପୂଜା ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଡା. ବିଶ୍ୱନାଥ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ ଯୋଗ ଦେଇଥିଲେ। ଉପସଭାପତି ଦାମୋଦର କର ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ଶ୍ୱେତକୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଡା. ମିଶ୍ର ଧନୁପାଲି ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ଯୁବସମାଜ ଏହାର ସମାଧାନ ପାଇଁ ଆଗଭର ହେବାକୁ ଆହ୍ୱାନ କରିଥିଲେ। ଜଳ ଯୋଗାଣ, ପରିମଳ ବ୍ୟବସ୍ଥାର ତଦାରଖ ସହ ସବୁ ଜାଗାକୁ ସଫେଇ କର୍ମଚାରୀ ଯୋଗାଣ ,ରାସ୍ତାଘାଟ, ଟ୍ରାଫିକ ସମସ୍ୟା, ରାସ୍ତା ଆଲୁଅ, ଗୋବିନ୍ଦତୋଳା ନୂଆପୋଲ ଉପରେ ବସୁଥିବା ମାର୍କେଟ ସ୍ଥାନାନ୍ତର, ଗୋପାଳଜୀ ମନ୍ଦିର ପୋଖରୀର ପୁନରୁଦ୍ଧାର ଆଦି ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ସୁଧୀର କୁମାର ଦାଶ ମଞ୍ଚାସୀନ ଥିଲେ। ଶେଷରେ ଉପ ସଭାପତି ବିଜୟଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ନାଗରିକ ସମନ୍ୱୟ କମିଟିର ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟଅତିଥି ଓ କର୍ମକର୍ତ୍ତାମାନେ ।

# ସମ୍ବଲପୁର କଳା ଏକାଡ଼େମୀର ବାର୍ଷିକୋତ୍ସବ

ସମ୍ବଲପୁର,୨୦।୩(ବ୍ୟୁରୋ)

ସମ୍ବଲପୁର କଳା ଏକାଡ଼େମୀ (କଳା ଓ କଳାକାର)ର ୨୮ତମ ବାର୍ଷିକୋତ୍ସବ କଳାକେନ୍ଦ୍ର ସମ୍ମିଳନୀ କକ୍ଷଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏକାଡ଼େମୀର ଅଧ୍ୟକ୍ଷ ସଞ୍ଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର କାମଦେବ ସାହୁ ମୁଖ୍ୟଅତିଥି ଓ ଜମନକିରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବସନ୍ତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଛାତ୍ରୀ ପ୍ରାର୍ଥନା ବାରୁ, ସ୍ନିଗ୍ଧା ପଣ୍ଡା, ତନୀଶା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକାଡ଼େମୀ ପକ୍ଷରୁ ଆୟୋଜିତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୭୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଶିଷ୍ଟ ଯୁବ ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡା ଓ ସୁଜାତା ବେହେରାଙ୍କୁ ଏକାଡ଼େମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ସମ୍ବଲପୁର କଳା ଏକାଡ଼େମୀର ୨୮ତମ ବାର୍ଷିକୋତ୍ସବରେ ଅତିଥିମାନେ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

### ଯୁବ ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡା ଓ ସୁଜାତା ସମ୍ବର୍ଦ୍ଧିତ

ପୁରସ୍କାର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅନୁଷ୍ଠାନର କଳା ଶିକ୍ଷକ ପବିତ୍ର ବେରିହା ଏବଂ ନମ୍ରତା ନାୟକ ସଞ୍ଚାଳନ କରିଥିବା ବେଳେ କରୁଣାକର ଶତପଥୀ ଓ ସୂର୍ଯ୍ୟ ପାଣିଗ୍ରାହୀ ମାନପତ୍ର ପଠନ କରିଥିଲେ।

ଏକାଡ଼େମୀର ଶିକ୍ଷାର୍ଥୀ ଖୁସି ସାହା, ସିଦ୍ଧି ସମୃଦ୍ଧି ପଣ୍ଡା, ବି. ଚିତ୍ତସ୍ୱରୂପା, ରାକେଶ ପୃଷ୍ଟି ପ୍ରମୁଖ ସ୍ୱର ସାମ୍ରାଜ୍ଞୀ ସ୍ୱର୍ଗତା ଲତା ମଙ୍ଗେଶକରଙ୍କୁ ଲାଇଭ୍ ପେଣ୍ଟିଂ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି ମିଶ୍ର ସଙ୍ଗୀତ ଗାନ କରିଥିବା ବେଳେ ଶ୍ରଦ୍ଧା ସୁମନ ସାହୁ, ତନୀଶା ପଣ୍ଡା ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ ମାଝୀ, ଗୌରୀଦାସ ପଣ୍ଡା, ବଳରାମ ହୋତା, ଆୟୁଷ ପାଢ଼ୀ, ସୁବ୍ରତ ବେହେରା ଏବଂ ରଞ୍ଜିତ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଜିଲା ଯୁବ ବିଜେଡି ଉପସଭାପତି ସୁମନ୍ତ ସାହୁ ଦଳରୁ ନିଲମ୍ବିତ

ସୁନ୍ଦରଗଡ଼, ୨୦।୩ (ଡି.ଏନ୍.ଏ) : ବିଜୁ ଯୁବ ଜନତା ଦଳର ସୁନ୍ଦରଗଡ ଜିଲା ଉପସଭାପତି ସୁମନ୍ତ କୁମାର ସାହୁଙ୍କୁ ଚଳିତ ପୌର ନିର୍ବାଚନରେ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ କରାଯାଇଛି। ଚଳିତ ପୌର ନିର୍ବାଚନରେ ସୁନ୍ଦରଗଡ ୱାର୍ଡ ନଂ.୧୬ର ବିଜେଡି ପ୍ରାର୍ଥୀ ସୁମନ୍ତ କୁମାର ପଣ୍ଡାଙ୍କ ବିରୋଧରେ ସାହୁ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଏନେଇ ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଡ. ବ୍ୟୋମକେଶ ରାୟଙ୍କ ନିର୍ଦ୍ଦେଶକ୍ରମେ ସୁମନ୍ତ ସାହୁଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି।

### ସମସ୍ତ ୱାର୍ଡରେ ରାଲି କରି ଶକ୍ତି ପ୍ରଦର୍ଶନ କଲା ବିଜେଡି

ବ୍ରଜରାଜନଗର, ୨୦।୩(ଡି.ଏନ୍.ଏ.): ବ୍ରଜରାଜନଗର ପୌରାଞ୍ଚଳର ୨୩ଗୋଟି ୱାର୍ଡରେ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନକରିଛି ବିଜେଡି। ନିଜର କାଉନସିଲର ପ୍ରାର୍ଥୀପ୍ରାର୍ଥିନୀମାନଙ୍କୁ ଧରି ଘରକୁ ଘର ବୁଲି ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ବନ୍ଧରେ ଭୋଟର୍‌ମାନଙ୍କୁ ଅବଗତ କରାଇଥିଲେ। ସ୍ଥାନୀୟ ନେତାମାନଙ୍କ ସହିତ ଗଞ୍ଜାମ ଯୋଡ଼ିଶଂଖ ପ୍ରଚାରରେ ସାମିଲ ଥିଲେ। ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବିଜୁ ଜନତା ଦଳ ନଗର ସଭାପତି ରାଧାକାନ୍ତ ପ୍ରଧାନ, ବିଶ୍ୱନାଥ ନାୟକ, ଜୟନ୍ତ ଦିକ୍ସି, ନୃପ ତାଣ୍ଡି ପ୍ରମୁଖ ନେତାମାନେ ନେତୃତ୍ୱ ନେଇଥିଲେ।

### ୨୭୦ ପରିବାରକୁ ରାଶନ ସାମଗ୍ରୀ ବଣ୍ଟନ

ବଡ଼ଗାଁ, ୨୦।୩(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ୨ ନଂ. ୱାର୍ଡରେ ୨୭୦ ପରିବାରକୁ ରବିବାର କଲିକତା ସ୍ଥିତ ସେବା ବିକାଶ ପବ୍ଲିକ ଟ୍ରଷ୍ଟ ପକ୍ଷରୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ଗାଁ ଜିଲା ପରିଷଦ 'କ' ସଦସ୍ୟ ଅମୀୟ କୁମାର ପ୍ରଧାନ, ବଡ଼ଗାଁ ବିଜେଡ଼ି ବ୍ଲକ ସଭାପତି ଦେବାଶିଷ ମିଶ୍ର, ଲବଣୀଧର ପୃଷ୍ଟେଠ, ଯୁବନେତା ଅରୁଣ କୁମାର ପୃଷ୍ଟେଠ ଅତିଥି ଭାବେ ଯୋଗଦେଇ ରାସନ ସାମଗ୍ରୀ ବଣ୍ଟନ କରିଥଲେ। ଟ୍ରଷ୍ଟର ପୂର୍ବାଞ୍ଚଳ କ୍ଷେତ୍ର ସଂଯୋଜକ କେ. ଚନ୍ଦ୍ରଶେଖର ରେଡ୍ଡୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଯକ୍ରିଆସ କେରକେଟା ମଞ୍ଚ ପରିଚାଳନା କରିଥିଲାବେଳେ ଲୁକାସ କେରକେଟା, କଙ୍କା ଟପ୍‌ନୋ, ସଞ୍ଜୟ କେରକେଟା, ମାନୁ ଚରଣ କେରକେଟା ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

### ବଢେଇମୁଣ୍ଡାରେ ଗୋବିନ୍ଦା ଆଲ୍ଲା ରଙ୍ଗ ଉତ୍ସବ

ଝାରସୁଗୁଡା ଅଫିସ,୨୦।୩:ଝାରସୁଗୁଡା ପୌରାଞ୍ଚଳ ୱାର୍ଡ ନଂ. ୧୪ ବଢେଇମୁଣ୍ଡା (ରଙ୍ଗିଆପଡା) ଠାରେ ୨୨ତମ ଗୋବିନ୍ଦ ଆଲ୍ଲା ଉତ୍ସବ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଗ୍ରାମର ସମସ୍ତେ ଗୋଟିଏ ଜାଗାରେ ହୋଲି ଖେଳି ଖେଳିଥିଲେ। ପରେ ସେମାନେ ରଙ୍ଗିଆପଡ଼ା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଅବିର ଲଗାଇ ପାଦ ଶୁଭେଚ୍ଛା ଜଣାଇଥିଲେ। ପରେ ଗୋବିନ୍ଦା ଆଲ୍ଲା ଉତ୍ସବ ଆରମ୍ଭ ହୋଇଥିଲା। ପିଲାମାନେ ଦଳ ଦଳ ହୋଇ ଛକି ତିଆରି କରି ଦଧି ହାଣ୍ଡି ଭାଙ୍ଗିଥିଲେ। ସଫିନା, ଅଞ୍ଜନା, ହର୍ସିତା, ନୀତୁ, ନନ୍ଦନୀ, ସେଫାଲି, ପଦ୍ମିନୀ, ଜନକ ପ୍ରଧାନ, ରଜନୀ ପ୍ରଧାନ, ରଞ୍ଜିତା ପ୍ରଧାନ, ଗୁଲାପି ଉପସ୍ଥିତ ଥିଲେ।

# ରାସ୍ତା, ପିଇବା ପାଣି, ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ମୁଖ୍ୟ ପ୍ରସଙ୍ଗ

ବ୍ରଜରାଜନଗର, ୨୦।୩(ଡି.ଏନ୍.ଏ.)

ଚଳିତ ପୌର ନିର୍ବାଚନରେ ବ୍ରଜରାଜନଗର ପୌର ଦଖଲ ନେଇ ନିର୍ବାଚନ ମଇଦାନରେ ୫ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। କଂଗ୍ରେସରୁ ୧୮ନଂ ୱାର୍ଡରୁ ଶାନ୍ତିଲତା ମାଝି, ବିଜେଡି ୬ନଂ ୱାର୍ଡରୁ ଯାଜ୍ଞସେନୀ ଓରାମ, ଭାଜପାର ରିତରଣି ଧୂରୁଆ ୱାର୍ଡ ନଂ ୧୪, ସିପିଆଇର ଦେବକୀ ପ୍ରଧାନ ୱାର୍ଡ ନଂ ୪, ସ୍ୱାଧୀନ ପ୍ରାର୍ଥୀ ରଶ୍ମିତା ଦୋରା ୱାର୍ଡ ନଂ ୨୩ ରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୋଟ ୨୩ ଗୋଟି ୱାର୍ଡରେ ୫୮ ହଜାର ୨୩୭ ଜଣ ମତଦାତା ସେମାନଙ୍କର ମତଦାନ କରିବେ। ତନ୍ମଧ୍ୟରୁ ୩୦ହଜାର ୧୪୭ପୁରୁଷ ୨୮ହଜାର ୮୭ ମହିଳା ଓ ୩ ଜଣ ଥାର୍ଡ ଜେଣ୍ଡର ମତଦାତା ଅଛନ୍ତି। ଚଳିତ ନିର୍ବାଚନରେ ୫ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ ମଧ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳୁଛି। ଗୋଟିଏ ପଟେ ନବୀନଙ୍କ ବିକାଶଭିମୁଖୀ କାର୍ଯ୍ୟଧାରାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ଅପରପକ୍ଷେ ନରେନ୍ଦ୍ର ମୋଦିଙ୍କ କେନ୍ଦ୍ରୀୟ ଯୋଜନାକୁ ନେଇ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ନିର୍ବାଚନର ମଙ୍ଗଧରି ଦଳବଳ ନେଇ ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି। କଂଗ୍ରେସର ମଙ୍ଗ କିଶୋର ପଟେଲ ଧରିଥିଲେ ମଧ ଦଳ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ସେତେଟା ଆଗ୍ରହ ପ୍ରକାଶ କରୁ ନ ଥିବା ପରି ମନେ ହେଉଛି। ବ୍ରଜରାଜନଗର ପୌରବାସୀଙ୍କର ମୁଖ୍ୟ ସମସ୍ୟା ହେଲା ପିଇବା ପାଣି। ପୂର୍ବରୁ ସମସ୍ତ ରାଜନୈତିକ ଦଳରରୁ ପୌର ଅଧକ୍ଷ ଭାବରେ ବସିସାରିଛନ୍ତ। ପିଇବା ପାଣି ସମସ୍ୟା କେହି ହେଲେ ସମାଧାନ କରିପାରିନାହାନ୍ତି। ଯାହାକୁ ନେଇ ଭୋଟରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚଳିତ ଥର ପ୍ରତ୍ୟେକ ପ୍ରାର୍ଥୀ ପାଣି ସମସ୍ୟା ସହିତ ଜନସାଧାରଣଙ୍କର ମୌଳିକ ସମସ୍ୟା ଦୂର କରିବାର ନିର୍ଭର ପ୍ରତିଶ୍ରୁତି ଡେଇ ପ୍ରଚାର୍ କରିଚାଲିଛନ୍ତି। ହେଲେ ଚଳିତ ନିର୍ବାଚନରେ ଅଧକ୍ଷ ପ୍ରାର୍ଥୀଙ୍କୁ ସିଧାସଳଖ ଚୟନ କରାଯାଉଥିବାରୁ ବିନା ଚାପରେ ଯେଉଁ ପ୍ରାର୍ଥୀ କାମ କରିପାରିବ ସେ ଭଳି ପ୍ରାର୍ଥୀଙ୍କୁ ଅଧକ୍ଷ ଭବରେ ନିର୍ବାଚିତ କରିବାକୁ ସହରର ଭୋଟର୍ ମାନେ ସିଦ୍ଧାନ୍ତ କରୁଥିବା ଜନମତ ସର୍ଭେରୁ ଜଣାପଡିଛି।

**ପ୍ରାର୍ଥୀମାନେ ଯାହା କୁହନ୍ତି....**

ବ୍ରଜରାଜନଗର ପୌର ଅଞ୍ଚାଳରେ ବିଜୁ ଜନତା ଦଳର ଅଧକ୍ଷ ଥିଲେ ତାଙ୍କ ସମୟରେ ରାସ୍ତାଘାଟ ଆଲୋକିକାରଣ ଓ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପରିଚୟପତ୍ର ପ୍ରଦାନ କରାଯାଇଛି। ପିଇବା ପାଣିର ସମସ୍ୟାକୁ କେତେକ ୱାର୍ଡରେ ସମାଧାନ କରାଯାଇଛି


ଯାଜ୍ଞସେନୀ ଓରାମ


ରୀତାରାଣୀ ଧୂରୁଆ


ଶାନ୍ତିଲତା ମାଝି

ଆଉ ଯେଉଁ ସବୁ ୱାର୍ଡ ବାକି ରହିଯାଇଛି ଶୀଘ୍ର ସମାଧାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ରଜରାଜନଗର ପୌରାଞ୍ଚଳର ସମସ୍ତ ୱାର୍ଡରେ ମେଗା ଜଳପ୍ରକଳ୍ପ ମାଧ୍ୟମରେ ପାଇପ ବିଛା ସରିଛି। ଖୁବଶୀଘ୍ର ସମସ୍ତଙ୍କ ଘରକୁ ପାଣି ଦିଆଯିବ ବୋଲି ପ୍ରକାଶ କରିଛନ୍ତି ବିଜେଡି ପ୍ରାର୍ଥିନୀ ଯାଜ୍ଞସେନି ଓରାମ।

ବିଜୁଜନତା ଦଳ କାମ କମ ଓ କଥା ବେଶୀ କହେ, ଯାହାକୁ ଭାଜପା ବିଶ୍ୱାସ କରେ ନାହିଁ। କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ କରି ଲୋକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କ ବିଶ୍ୱାସରେ ବିଷ ଦେଇ ଓଡ଼ିଶାବାସୀଙ୍କୁ ଠକି ଆସୁଥିବା ଏ ସରକାରର ମୁଖା ଏଥର ଜନତା ଖୋଲିଦେବେ। ଅଧକ୍ଷା ପ୍ରାର୍ଥୀ ଏ ଥର ସିଧାସଳଖ ନିର୍ବାଚିତ ହେଉଥିବାରୁ ଭାଜପା ନିଶ୍ଚୟ ଜିତିବ ବୋଲି ପ୍ରକାଶ କରିଛନ୍ତି ରିତାରାଣୀ ଧୁରୁଆ।

ନରେନ୍ଦ୍ର ମୋଦି ଦେଶ ପାଇଁ କଣ ତାହା ୧୪୦କୋଟି ଦେଶବାସୀ ଜାଣିଛନ୍ତି ବୋଲି ଭାଜପା ପ୍ରକାଶ କରିଛି।

ବିଜେଡି ଓ ଭାଜପା ରାଜ୍ୟ ଓ ଦେଶ ପଇଁ ବିପଦ। ଦୁଇଟି ଦଳ ପରସ୍ପର ଭିତରେ ସଲା ସୁତୁରା ଲୋକମାନଙ୍କୁ ବିଭ୍ରାନ୍ତି କର ତଥ୍ୟ ଦେଇ ଫାଇଦା ନେବାରେ ଲାଗିଛନ୍ତି। ୧୦ବର୍ଷ ତଳେ ଦେଶ ଓ ରାଜ୍ୟର ଅର୍ଥନୀତିର ଅବସ୍ଥା କଣ ଥିଲା ଏବେ କଣ ଅଛି ସେ ବିଷୟରେ ଯେଉଁଦିନ ଭୋଟର୍ ବସି ଭାବିବେ ସେହିଦିନ ଉଭୟ ଦଳକୁ ଫୋପାଡି ଦେବେ ବୋଲି ପ୍ରକାଶ କରିଛନ୍ତି କଂଗ୍ରେସ ପ୍ରାର୍ଥିନୀ ଶାନ୍ତିଲତା ମାଝି। ନିରୀହ ଜନତାଙ୍କ ନାମରେ ଯୋଜନା ପରେ ଯୋଜନା କରି କେବଳ ଦଲାଲ ପୋଷା ଚାଲିଛି। ଏଠି ଗରିବ ତଳକୁ ତଳ ଖସିବାରେ ଲାଗିଛି। ପୁଞ୍ଜିପତିମାନଙ୍କର ପଇସା ବଢ଼ିବାରେ ଲଗିଛି। ତେଣୁ ଚଳିତ ନିର୍ବାଚନରେ କଂଗ୍ରେସ ନିଶ୍ଚୟ ଭଲ ପ୍ରଦର୍ଶନ କରିବ ବୋଲି ପ୍ରକାଶ କରିଛନ୍ତି ଶାନ୍ତିଲତା ମାଝି।

ଆମେ ଶାସନରେ ନ ଥିଲେ ମଧ୍ୟ ଲୋକଙ୍କ ସେବାରେ ଅଛୁ। ବ୍ରଜରାଜନଗର ଖଣି ଖାଦାନରେ ଭରପୁର। ଏଠାରେ ଶ୍ରମିକଙ୍କ ସମସ୍ୟା ସମାଧାନ କରିବାରେ ଆମେ ଆଗରେ ଅଛୁ। ପୌରବାସୀ ଥରେ ସୁଯୋଗ ଦେଲେ ସେମାନଙ୍କ ସମସ୍ୟାକୁ ନିଜ ସମସ୍ୟା ଭାବି କାମ କରିବୁ ବୋଲି ପ୍ରକାଶ କରିଛନ୍ତି ସିପିଆଇ ପ୍ରାର୍ଥିନୀ ଦେବକୀ ପ୍ରଧାନ।

ବ୍ରଜରାଜନଗର ପୌର ପରିଷଦ ରାଜନୈତିକ ବ୍ୟକ୍ତିବିଶେଷଙ୍କ ହାତରେ ରହି ଅବହେଳିତ ଅବସ୍ଥାରେ ରହିଛି। ତେଣୁ ସ୍ୱାଧୀନ ପ୍ରାର୍ଥୀ ଭବରେ ନାମାଙ୍କନ ଭରି ନିର୍ବାଚନ ଲଢୁଛି। ବ୍ରଜରାଜନଗରବାସୀ ମୋ ଉପରେ ଆଶୀର୍ବାଦ କରିବେ। ନିର୍ବାଚନ ଜିତିଲେ ଲୋକମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଇ କାମ କରିବେ ବୋଲି ପ୍ରକାଶ କରିଛନ୍ତି ସ୍ୱାଧୀନ ପ୍ରାର୍ଥିନୀ ରଶ୍ମିତା ଦୋରା।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ୨ ମୃତ

ଦେବଗଡ଼, ୨୦।୩(ଡି.ଏନ୍.ଏ.)

**କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ**

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବିଦେଇ ବଡକୁଦର ଗ୍ରାମ ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥରେ ଶନିବାର ରାତି ୭ଟା ୩୦ରେ ଏକ ମାଲବୋଝେଇ ଟ୍ରକ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜାଲିସା ଗ୍ରାମର ସୁରେନ୍ଦ୍ର ମାହାନ୍ତ (୩୨) ଓ ତାଙ୍କର ବନ୍ଧୁ ଲିକୁ ନାୟକ (୩୦)। ଉଭୟ ହୋଲି ଖେଳିବାକୁ ଯାଇ ବଡକୁଦର ଗ୍ରାମରୁ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ବିଦେଇ ବଡକୁଦର ଗ୍ରାମ ନିକଟରେ ସମ୍ମୁଖରୁ ଆସୁଥିବା ଏକ ଦ୍ରୁତଗାମୀ ମାଲବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେବା ସହ ସୁରେନ୍ଦ୍ରଙ୍କ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଲିକୁ ବାଇକ୍‌ରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ନିମନ୍ତେ ତାଙ୍କୁ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ବାରକୋଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାତି ୯ଟା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଏକ ମାମଲା ରୁଜୁକରି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକକୁ ଜବତ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପିପୁଲ୍ସ ଫୋରମ୍‌ର ହୋଲିକେ ରଙ୍ଗ ଆପ୍‌କେ ସଙ୍ଗ କାର୍ଯ୍ୟକ୍ରମ

ଝାରସୁଗୁଡ଼ା ଅଫିସ, ୨୦।୩

ମାନସିକ ରୋଗୀଙ୍କ ଚିକିତ୍ସା ଓ ଥଇଥାନ କେନ୍ଦ୍ର ମିଶନ ଆଶ୍ରା , ମିଶନ ଆଶାଲୋକ ଓ ନିଶାନିବାରଣ କେନ୍ଦ୍ର ପିପୁଲ୍ସ ଫୋରମ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ହୋଲିକେ ରଙ୍ଗ ଆପକେ ସଙ୍ଗ ଅନୁଷ୍ଠିତ ହୋଇଥିଲା। ଅନ୍ତେବାସୀ ଓ କର୍ମଚାରୀମାନେ ପରସ୍ପରକୁ ବିଭିନ୍ନ ପ୍ରକାରର ରଙ୍ଗ ଓ ଅଭିର ଲଗାଇ ଆନନ୍ଦ ଉଲ୍ଲାସରେ ସହ ଖେଳିଥିବା ବେଳେ ସେମାନଙ୍କ ସହ ସାମିଲ ହୋଇଥିଲେ ପ୍ରଶାସନିକ ଅଧିକାରୀ, ବହୁ ବଦାନ୍ୟ ବ୍ୟକ୍ତି, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ାର ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, କବି ତଥା ଶିକ୍ଷାବିତ ମନ୍ଦାକିନୀ ଶତପଥୀ, ସମାଜସେବୀ ଓ ଶିକ୍ଷାବିତ କବିତା ପଣ୍ଡା, ଏଲ.ଏନ କଲେଜର ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା, ଜିଲା ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇ ଅନ୍ତେବାସୀଙ୍କ ସହ ରଙ୍ଗ ଲଗାଇ ଗୀତ ତାଳେ ତାଳେ ନୃତ୍ୟ କରିଥିଲେ ।

# ଦୋଳପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ


ନାମଯଜ୍ଞ ଉପଲକ୍ଷେ ସଂକୀର୍ତ୍ତନ।

ଲହୁଣୀପଡ଼ା, ୨୦।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ତୁମକଳା ଗ୍ରାମରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ବ୍ରାହ୍ମଣୀ ନଦୀରୁ ପୂର୍ଣ୍ଣ କଳସି ଆଣି ଘଟ ସ୍ଥାପନ କରିବା ସହିତ ଅଧିବାସ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦୋଳ ପୂର୍ଣ୍ଣିମା ଦିନ ହୋମଯଜ୍ଞ ସହିତ ନାମଯଜ୍ଞ ଆରମ୍ଭ କରାଯାଇଥିଲା। ଏହି ନାମଯଜ୍ଞରେ ଅର୍ଜୁନ ମୋହନ କର ଓ ପଦ୍ମାବତୀ କର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ମୀରାଶଙ୍କର ନନ୍ଦ ଅଷ୍ଟପ୍ରହର ନାମଯଜ୍ଞ ସଞ୍ଚାଳନ କରିଥିଲେ। ଏହି ଅଷ୍ଟପ୍ରହର ନାମଯଜ୍ଞରେ ସମ୍ବଲପୁର ଜିଲାର କୁସୁମୀ, ଗୋସେଇଁପଡା ସମେତ ବଣେଇ ଅଞ୍ଚଳର ଟେଣ୍ଡେରା, ଦର୍ଜାଂ, ସାତକୁଟା, ତୁରାମୁରା, ଶରଧାପୁର ଓ ଅର୍କେଇକଳା ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ତାପର ଦିନ ଅର୍ଥାତ ହୋଲି ଦିନ ଆନନ୍ଦ ଉଲ୍ଲାସର ସହିତ ନଗର କୀର୍ତ୍ତନ ଓ ଦଧିଭାଣ୍ଡ ଭଞ୍ଜନ କରାଯାଇଥିଲା। ବିଭୂତି ଭୂଷଣ କର, ପ୍ରଶାନ୍ତ କୁମାର ଜିତ, ଗଣେଶ କର, ଲିଟୁ କର, ଅଶ୍ୱନି ପାଲ, ନୁନୁ ପାଲ, ବିଷ୍ଣୁ ପାଲ, ମିଲୁ କର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ତିନିଦିନିଆ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ସପ୍ତାହବ୍ୟାପୀ ଅମୃତ ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀରେ ଲୋକନୃତ୍ୟ ପରିବେଷଣ କରାଯାଉଛି।

ସୁନ୍ଦରଗଡ଼, ୨୦।୩(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ସପ୍ତାହ ବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଏନ୍‌ଟିପିସିର ସିଏମ୍‌ଡି ଗୁରୁଦୀପ ସିଂ ଏବଂ ବୋର୍ଡ ଅଫ୍ ଡାଇରେକ୍ଟରମାନେ ଭର୍ଚୁଆଲ ମୁଡରେ ଯୋଗଦେଇ ଦର୍ଲିପାଲି ପ୍ରକଳ୍ପର ଟିମ୍‌କୁ ସଫଳତାର ସହ ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବା ନେଇ ଅଭିନନ୍ଦନ ଜଣାଇଥିଲେ। ଏହି ସମାରୋହରେ ଏନ୍‌ଟିପିସିର ବରିଷ୍ଠ ଅଧିକାରୀ ଏ.କେ. ଗୋସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦର୍ଲିପାଲି ପ୍ରକଳ୍ପର ସିଜିଏମ୍ ଏ.କେ. ସାମେୟାର ବସୁଧା ମହିଳା ମଣ୍ଡଳର ସଭାନେତ୍ରୀ ମଞ୍ଜରୀ ଗୋସ୍ୱାମୀ, ଅଭିଲାଷା ଲେଡିଜ କ୍ଲବର ସଭାନେତ୍ରୀ ମନୀଷା ସାମେୟାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜେନେରାଲ ମ୍ୟାନେଜର ଟି.କେ ଭାଗେଶ୍ୱର ସଭା ସଞ୍ଚାଳନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ ଆୟୋଜିତ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲୁକାଶିଳ୍ପକଳା ପ୍ରଦର୍ଶନକୁ ଆଖପାଖ ଗ୍ରାମଗୁଡିକରୁ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଗ୍ରାମବାସୀ ପ୍ରତ୍ୟହ ସନ୍ଧ୍ୟାରେ ଆସି ଉପଭୋଗ କରିଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ହସ୍ତଶିଳ୍ପକଳା ସାମଗ୍ରୀ ବିକ୍ରୟ ହେବା ସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପାରମ୍ପାରିକ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଲୋକନୃତ୍ୟ ସମସ୍ତଙ୍କର ମନଛୁଆଁ ହୋଇଥିଲା।

# ଜଳାଭାବ ଦୂରୀକରଣ ପାଇଁ ସମୀକ୍ଷା

ଝାରସୁଗୁଡା ଅଫିସ,୨୦।୩

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳରେ ହ୍ରାସ ପାଉଥିବା ଜଳସ୍ତର ଏବଂ ଜଳାଭାବ ଦୂରୀକରଣ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଇବ୍ ଥର୍ମାଲରେ ଗତ ଶୁକ୍ରବାର ବୈଠକ କରି ସମୀକ୍ଷା କରିଛନ୍ତି। ଚଳିତବର୍ଷ ଖରାଦିନେ ଗ୍ରାମଗୁଡିକରେ ଯେପରି ଲୋକେ ପାନୀୟ ଜଳ ପାଇଁ ହଇରାଣ ନ ହେବେ, ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଲଖନପୁର ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଜନପ୍ରତିନିଧିଙ୍କ ସହ ଆଲୋଚନା କରି ସେମାନଙ୍କ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ଥିବା ଗ୍ରାମଗୁଡିକ ବିଷୟରେ ପଚାରି ବୁଝିଛନ୍ତି। ଯେଉଁଠାରେ ପାନୀୟ ଜଳ ସମସ୍ୟା ରହିଛି ସେଠାକାର ଲୋକଙ୍କୁ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇବା ପାଇଁ ଓପିଜିସି ଓ ଏମସିଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟରେ ପ୍ରତିବର୍ଷ ୫ଟି ଲେଖାଏଁ ପୋଖରୀ ଖନନ କରାଯିବା ସହ ଆବଶ୍ୟକ ମୁତାବକ ନଳକୂଅ ଖୋଳା ଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ପ୍ରକାଶ କରିଛନ୍ତି। ତେବେ ଝାରସୁଗୁଡା ଜିଲାର ଗାଁ ଠୁ ସହର ପ୍ରତ୍ୟେକ ସ୍ଥାନକୁ ପାନୀୟ ଜଳ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ୨୦୨୩ ଏପ୍ରିଲ ସୁଦ୍ଧା ଶେଷ ହେବ ଏବଂ ଝାରସୁଗୁଡାରୁ ଜଳାଭାବ ଦୂରହେବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ଏହି ଅବସରରେ ଜିଲାପାଳ ସରୋଜ କୁମାର ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ତପିରାମି ମାଝୀ, ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲା ପରିଷଦ ସଦସ୍ୟ ସନତ ସିଂ, ଅକ୍ଷୟ ସାହୁ, ପୁଷ୍ପଲତା ସେଠ ପ୍ରମୁଖଙ୍କ ସହ ଏମସିଏଲ କର୍ତ୍ତୃପକ୍ଷ, ଓପିଜିସି କର୍ତ୍ତୃପକ୍ଷ, ଜିଲା ତଥା ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧି ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ଉପକାରାଗାରରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ଦେବଗଡ଼, ୨୦।୩(ଡି.ଏନ୍.ଏ.)


ଜ୍ଞାନଗଙ୍ଗା ପୁସ୍ତକ ବିତରଣ କରାଯାଉଛି।

ରବିବାର କୁରୁକ୍ଷେତ୍ର ହରିଆଣାର ମୁନିନ୍ଦ୍ର ଧର୍ମାର୍ଥ ଟ୍ରଷ୍ଟ ଆନୁକୂଲ୍ୟରେ ଓଡ଼ିଶା ଶାଖା ସମ୍ବଲପୁର ତଥା ଦେବଗଡ଼ର ଭକ୍ତମାନଙ୍କ ସହଯୋଗରେ ଦେବଗଡ଼ ଜିଲାର ସ୍ୱତନ୍ତ୍ର ଉପକାରାଗାରରେ ଗୁରୁ ରାମପାଲଜୀଙ୍କ ସତ୍‌ସଙ୍ଗର ଆୟୋଜନ ହୋଇଥିଲା। ବିକାଶ କୁମାର ସାହୁ, ଜେଲ ଅଧିକାରୀଙ୍କ ଅନୁମତି ସହିତ କରାଯାଇଥିଲା। ଏହା ସହିତ ଜ୍ଞାନଗଙ୍ଗା ପୁସ୍ତକ ବିତରଣ କରାଯାଇଥିଲା। ଏହି ସତ୍‌ସଙ୍ଗରେ କାରାଗାରର ୨୦୦ ଅନ୍ତେବାସୀଙ୍କ ସହିତ ଉପକାରାଗାର କର୍ମଚାରୀ ଶ୍ରବଣ କରି ଆଧ୍ୟାତ୍ମିକ ଜ୍ଞାନର ଲାଭ ଉଠାଇଥିଲେ। ଏହି ସତସଙ୍ଗର ମୁଖ୍ୟ ଉଦ୍ଦେଶ୍ୟ ହେଲା ମାନବିକତାର ଧର୍ମ ମାଧ୍ୟମରେ ଜିବ ହତ୍ୟା, ଜାତିପ୍ରଥା, ନିଶାମୁକ୍ତ, କୁସଂସ୍କାର, ଭ୍ରୁଣହତ୍ୟା, ଅହିଂସା ନୀତି, ଯୌତୁକ ଦେବାନେବା, ଲାଞ୍ଚ ଆଦି ଉଠାଇ ସମାଜରେ ଶାନ୍ତି ଓ ଭାଇଚାରା ସ୍ଥାପିତ କରିବା। ଏହା ସହିତ ଯୁବ ବର୍ଗଙ୍କ ମଧ୍ୟରେ ନୈତିକତା ଓ ଆଧ୍ୟାତ୍ମିକ ଶକ୍ତି ଜାଗ୍ରତ କରାଇ ସ୍ୱଚ୍ଛ ସମାଜ ଗଠନ କରିବା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟ କୋଅର୍ଡିନେଟର ଭଗତ ଅକ୍ଷୟ ଦାସଙ୍କ ସହିତ ଭଗତ ରଙ୍କଧର ଦାସ, ଋଷି କୁମାର ଦାସ, କ୍ଷୀରୋଦ ଦାସ, ସଞ୍ଜୀବ ଦାସ, ନରେନ୍ଦ୍ର ଦାସ, ଚନ୍ଦ୍ରଶେଖର ଦାସ, ଡମ୍ବରୁଧର ଦାସ ସହଯୋଗ କରିଥିଲେ।

# ସୁନ୍ଦରଗଡ଼ ପୌର ନିର୍ବାଚନ: ପ୍ରଚାରରେ କମ୍ପୁଛି ସହର

ସୁନ୍ଦରଗଡ଼, ୨୦।୩ (ଡି.ଏନ୍.ଏ)

**ଦଳୀୟ ପ୍ରାର୍ଥିନୀଙ୍କୁ ଟକ୍କର ଦେଉଛନ୍ତି ସ୍ୱାଧୀନ ପ୍ରାର୍ଥିନୀ**

ଚଳିତ ପୌର ନିର୍ବାଚନରେ ସୁନ୍ଦରଗଡ଼ରେ କାହାର ହେବ ବାଜିମାତ। ସବୁରି ମୁହଁରେ ଗୋଟିଏ କଥା। ଚା' ଖଟି ଠାରୁ ଆରମ୍ଭ କରି ପାନଦୋକାନ ,ଦୋକାନ ବଜାର, ରାସ୍ତାଘାଟ ସବୁଠି ଏହି ଗୋଟିଏ କଥା। ସୁନ୍ଦରଗଡ଼ ପୌରାଧକ୍ଷ ପଦବୀ ଏଥର ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୩ପ୍ରମୁଖ ରାଜନୈତିକ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ନିର୍ବାଚନୀ ମଇଦାନରେ ମୋଟ ୫ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ୧୯ଗୋଟି ୱାର୍ଡରେ ମୋଟ ୭୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପୌର ନିର୍ବାଚନ ପାଇଁ ପ୍ରଚାର ଆଉ ମାତ୍ର ୨ଦିନ ବାକିଥିବା ବେଳେ ପ୍ରାର୍ଥୀମାନଙ୍କ ପ୍ରଚାର ମଧ୍ୟ ଜୋରଦାର ହେଉଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାର୍ଥୀମାନଙ୍କର ପ୍ରଚାର ଗାଡ଼ିରେ ଭୋଟରଙ୍କୁ ମନାଇବା ପାଇଁ ତୁହାକୁ ତୁହା ମନମତାଣିଆ ଗୀତରେ ସାରା ସହର କମ୍ପିଉଠୁଛି । ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ସହ ବିଭିନ୍ନ ୱାର୍ଡରେ ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟଭିକ୍ଷା କରୁଛନ୍ତି। ସବୁ ପ୍ରାର୍ଥୀଙ୍କ ମୁହଁରେ ୱାର୍ଡ ସମସ୍ୟାର ସମାଧାନ, ମୌଳିକ ସେବା ପ୍ରଦାନ ଓ ସୁନ୍ଦରଗଡ଼କୁ ଆହୁରି ସୁନ୍ଦର କରିବା ପାଇଁ ବିକାଶର ନାରା ଦେଇ ଭୋଟରଙ୍କ ନିକଟତର ହେଉଛନ୍ତି। ଏଭଳି ସ୍ଥିତିରେ ବିଜେଡି, ଭାଜପା, କଂଗ୍ରେସ ପ୍ରାର୍ଥୀଙ୍କ ତୁଳନାରେ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ପ୍ରଚାରରେ କୌଣସି କ୍ଷେତ୍ରରେ ପଛରେ ନାହାନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ସ୍ୱାଧୀନ ପ୍ରାର୍ଥୀଙ୍କ କଡା ଟକ୍କର ଦେବା ନେଇ ଦଳୀୟ ପ୍ରାର୍ଥୀଙ୍କୁ ଅଡୁଆରେ ପକାଇଛି। ବିଜେଡିର ପୌରାଧକ୍ଷା ପ୍ରାର୍ଥିନୀ ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ଭାଜପାର ତନୟା ମିଶ୍ର, କଂଗ୍ରେସ ତରଫରୁ ପୂର୍ବତନ କାଉନସିଲର ସସ୍ମିତା ଯୋଶୀ ଏବଂ ସ୍ୱାଧୀନ ପ୍ରାର୍ଥିନୀ ଭାବେ ନିନିମା ପଟେଲ ଓ ପଦ୍ମାଦେବୀ ନିର୍ବାଚନ ଲଢୁଛନ୍ତି।

ବିଶେଷକରି ଭାଜପାର ବିଦ୍ରୋହୀ ପ୍ରାର୍ଥିନୀ ନିନିମା ପଟେଲ କେବଳ ଭାଜପା ନୁହେଁ, ବିଜେଡିର ମଧ୍ୟ ଭୋଟ ବିଭାଜନ କରିବାର ଆଶଙ୍କା ରହିଛି। ରବିବାର ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ବିଧାୟିକା କୁସୁମ ଟେଟେ , ବିଧାୟକ ଭବାନୀ ଶଙ୍କର ଭୋଇ ବିଭିନ୍ନ ୱାର୍ଡ ବୁଲି ଭାଜପାର ପୌରାଧକ୍ଷା ପ୍ରାର୍ଥିନୀ ତନୟା ମିଶ୍ର ଏବଂ ଭାଜପା କାଉନସିଲର ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ବିଜେଡିର ଜିଲା ପର୍ଯ୍ୟବେକ୍ଷକ ଇଂ. ପ୍ରୀତିରଞ୍ଜନ ଘଡେଇ, ସହ ପର୍ଯ୍ୟବେକ୍ଷକ ଦେବାଶୀଷ ମଲ୍ଲିକ,ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଏସଡିସିର ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ଏସଡିସି ଅଧ୍ୟକ୍ଷ ସନ୍ତୋଷ ଅମାତ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ବିଜେଡି ପୌରାଧକ୍ଷା ପ୍ରାର୍ଥିନୀ ରଞ୍ଜନା ପଣ୍ଡା ଏବଂ ବିଜେଡି କାଉନସିଲର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ,ଜିଲା ସଭାପତି ବେଣୁମାଧବ ତ୍ରିପାଠୀ ଓ ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ନେତୃବୃନ୍ଦ କଂଗ୍ରେସ ପୌରାଧକ୍ଷା ପ୍ରାର୍ଥିନୀ ସସ୍ମିତା ଯୋଶୀ ଓ କାଉନସିଲର ପ୍ରାର୍ଥୀପ୍ରାର୍ଥିନୀମାନଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥିନୀ ନିନିମା ପଟେଲ ସ୍ୱାମୀ ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀ ଓ ନିଜ ସମର୍ଥକଙ୍କ ସହ ମାରାଥନ ପ୍ରଚାର କରି ଦଳୀୟ ପ୍ରାର୍ଥିନୀଙ୍କୁ କଡାଟକ୍କର ଦେଉଛନ୍ତି।

## ବାଲି, ପଥର ଚୋରାଚାଲାଣ ଉପରେ ଚଢ଼ାଉ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ପକ୍ଷରୁ ବେଆଇନ ବାଲି ଓ ପଥର ଚୋରାଚାଲାଣ ଉପରେ କିଛିଦିନ ହେଲା ରାଜସ୍ୱ ବିଭାଗ ଚଢ଼ାଉ ଆରମ୍ଭ କରିଛି। ଶୁକ୍ରବାର ଦେଓଗାଁ ବସ୍‌ଷ୍ଟାଣ୍ଡ ଦେଇ କନକପୁରର ଏକ ଟ୍ରାକ୍ଟର ବାଲି ବୋଝେଇ ହୋଇ ଆସୁଥିବା ବେଳେ ରାଜସ୍ୱ ନିରୀକ୍ଷକ ଅଧିର କୁମାର ନାଏକ ଉକ୍ତ ଗାଡିକୁ ଅଟକାଇଥିଲେ। ପରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ୧୦ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି ମୁଣ୍ଡପଲାରେ ଏକ ପଥର ବୋଝେଇ ଟ୍ରାକ୍ଟରରୁ ୨୦ହଜାର ଓ କେନ୍ଦୁଘାଟରୁ ଏକ ବାଲିବୋଝେଇ ଟ୍ରାକ୍ଟରରୁ ୧୦ହଜାର ଏହିପରି ମୋଟ ୪୦ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ଆରଆଇ ନାଏକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗ୍ରାମ୍ୟ ଉନ୍ନୟନ କମିଟି ସଭାପତିଙ୍କୁ ଆକ୍ରମଣ

ଦେଓଗାଁ,୨୦।୩(ଡି.ଏନ.ଏ.): ସାମାନ୍ୟ କଥାକୁ ନେଇ ବଲାଙ୍ଗୀର ଜିଲା ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କୁ ଶନିବାର ମାରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଦେଓଗାଁ ଥାନାରେ ଅଭିଯୋଗ ପରେ ଏକ ମାମଲା(୪୯/୨୨)ରୁଜୁ ହୋଇଛି। ଏହି ଘଟଣାରେ ୩ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସୂଚନାନୁସାରେ ଶନିବାର ପବିତ୍ର ହୋଲି ଅବସରରେ ଗାଁରେ କେତେକ ଯୁବକ ଡିଜେ ବାଦ୍ୟ ସହ ଗ୍ରାମ ପରିକ୍ରମା କରୁଥିଲେ। ଏ ସମୟରେ ୨ରୁ ୩ଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିର୍ବସ୍ତ୍ର ଭାବେ ନୃତ୍ୟ କରୁଥିଲେ। ଗାଁ କମିଟି ସଭାପତିଭାବେ ଏପରି କରିବାକୁ ଡା ସାହୁ ବାରଣ କରିଥିଲେ। ଏଥିରେ କ୍ରୋଧିତ ହୋଇ ସେମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଥାନାରେ ଲିଖିତଭାବେ ଅଭିଯୋଗ କରିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଶଶିଙ୍କୁ ପରିବାର ଲୋକ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ କରାଇଥିବା ଜଣାପଡିଛି।

### ସ୍କୁଲ ପରିଚାଳନା କମିଟି ତାଲିମ ଶିବିର

ଦେଓଗାଁ,୨୦।୩(ଡି.ଏନ.ଏ.): ବଲାଙ୍ଗୀର ସଦର ବ୍ଲକ ବାରପୁରଗିଆ ପଞ୍ଚାୟତ ସଭାଗୃହରେ ସ୍ୱେଚ୍ଛାସେବୀ ସଂଗଠନ ୱାଇସିଡିଏ ପକ୍ଷରୁ ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ୱାଇସିଡିଏର ସୁବ୍ରତା ଜେନା, ରୁଦ୍ର ବରର୍ତ୍ତି ଓ ରୀତା ଦୀପଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବିଚନ୍ଦ୍ର ଧରୁଆ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ଗଠନ, କାର୍ଯ୍ୟପ୍ରଣାଳୀ, ସ୍କୁଲର ସାମଗ୍ରିକ ବିକାଶ ପାଇଁ କମିଟିର ନିୟମିତ ବୈଠକ, ଶିକ୍ଷାର ଉନ୍ନତି ପାଇଁ କମିଟିର ଦାୟିତ୍ୱ ଓ ଭୂମିକା ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମଦାତା ଭାବେ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇଥିଲେ। ଉକ୍ତ ପଞ୍ଚାୟତ ଅଧିନ ୮ଟି ସ୍କୁଲ ପରିଚାଳନା କମିଟି ସଭାପତି, ସଦସ୍ୟ, ଅଙ୍ଗନୱାଡ଼ କର୍ମୀ, ଆଶାକର୍ମୀ ତଥା ଅଭିଭାବକ ତାଲିମ ଗ୍ରହଣ କରିଥିଲେ।

### ୩ ଛାତ୍ରଙ୍କୁ ଆକ୍ରମଣ, ପଡାବାସୀ ଥାନାର ଦ୍ୱାରସ୍ଥ

ଦେଓଗାଁ,୨୦।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଗରପାଲି କଲୋନୀପଡାରେ ହୋଲି ଉତ୍ସବ ମନାଉଥିବା ବେଳେ ୨ଟି ବାଇକରେ ୬ଜଣ ଯୁବକ ଆସି ମାରଣାସ୍ତ୍ରରେ ୩ଜଣ ଛାତ୍ରଙ୍କୁ ଆଘାତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପଡାର ଶୁଭଲକ୍ଷ୍ମୀ ସ୍ୱୟଂ ସହାୟକ ଓ ମାଁ ଦୁର୍ଗା ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ଥାନାକୁ ଆସି ବାଇକ ଓ ଏକ ଭୁଜାଲି ଥାନାରେ ଜିମା ଦେଇଥିଲେ। ଏଥିସହ ସମ୍ପୃକ୍ତ ଯୁବକମାନଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଦେଓଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

### ଜମି ବିବାଦରୁ ହତ୍ୟା, ଅଭିଯୁକ୍ତ ଫେରାର

ଦେଓଗାଁ,୨୦।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବରଗାଁରେ ଶନିବାର ଜମି ବିବାଦକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଗୋଟିଏ ପରିବାରର ସଂଘବଦ୍ଧ ଆକ୍ରମଣରେ ଅନ୍ୟ ଏକ ପରିବାରର ଜଣେ ଷାଠିଏ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧନୁ ବୁଡେକ। ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ମୃତକଙ୍କ ଜ୍ୱାଇଁ ଦେବାନନ୍ଦ ସେଠଙ୍କ ଅଭିଯୋଗକୁ ଭିତ୍ତି କରି ଦେଓଗାଁ ଥାନାରେ ଏକ ମାମଲା(୫/୨୨)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ଉଦ୍ୟମ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ଜମି ବିବାଦକୁ ନେଇ ଧନୁ ବୁଡେକ ଓ ସୁଶାନ୍ତ ବେହେରାଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗି ରହିଥିଲା। ଶନିବାର ହୋଲି ପର୍ବ ଦିନ ଉକ୍ତ ଜମି ମାମଲାକୁ ନେଇ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା, ବିନୋଦ ବେହେରା ଓ ତାଙ୍କ ସହଯୋଗୀ ଯୁଧିଷ୍ଠିର ନାଗ ଓ କିଶୋର ନାଗ ମାରଣାସ୍ତ୍ର ଧରି ଅତର୍କିତ ଆକ୍ରମଣ କରିଥିଲେ। ଧନୁ ବୁଡେକଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମଧ ଆକ୍ରମଣର ଶିକାର ହୋଇଥିଲେ। ପରେ ବାପା ମାଙ୍କୁ ରକ୍ଷା କରିବାକୁ ଯାଇ ଦୁଇ ଝିଅ ରଜନୀ ଓ ସଜନ୍ତା ଆକ୍ରମଣର ଶିକାର ହୋଇଥିଲେ। ଗାଁ ଲୋକ ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଣିଥିଲେ। ସେଠାରେ ଧନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଧନୁଙ୍କ ସ୍ତ୍ରୀ ଲକ୍ଷ୍ମୀ ଓ ଦୁଇ ଝିଅଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ଭାଜପା–ବିଜେଡି କଡ଼ା ଟକ୍କର

ଜୁନାଗଡ,୨୦।୩(ଡି.ଏନ.ଏ.)

**ଜୁନାଗଡ଼ ଏନ୍‌ଏସି**



ମୁକେଶ ଅଗ୍ରୱାଲ(ଭାଜପା) ମହେଶ ସାହୁ(ବିଜେଡି) ପ୍ରଭାତ ଦାଶ(କଂଗ୍ରେସ)

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସି ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତେ ସରଗରମ ହେବାରେ ଲାଗିଛି। ଟାଣଖରା ସତ୍ତ୍ୱେ ମଧ ପାର୍ଥୀମାନେ ଘର ଘର ବୁଲି ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। ଚଳିତ ନିର୍ବାଚନରେ ଜୁନାଗଡ ଏନ୍‌ଏସିରେ ଅଧକ୍ଷ ପାଇଁ ୪ଜଣ ପ୍ରାର୍ଥୀ ମଇଦାନରେ ଲଢ଼େଇ କରୁଛନ୍ତି। ଭାଜପା ପକ୍ଷରୁ ମୁକେଶ ଅଗ୍ରୱାଲ, ବିଜେଡିରୁ ମହେଶ ସାହୁ, କଂଗ୍ରେସରୁ ପ୍ରଭାତ ଦାଶ ଓ ସ୍ୱାଧୀନରେ ଉଦୟ ଦାଶ ନିର୍ବାଚନୀ ମଇଦାନରେ ଓହ୍ଲାଇଛନ୍ତି। ଏଥର ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏହାର ଫାଇଦା ଅପେକ୍ଷାରେ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ହେଲେ ଏଠାରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢେଇ ହେବ ବୋଲି ଶୁଣିବାକୁ ମିଳୁଛି। ୪ଜଣଙ୍କୁ ମଧ୍ୟରେ କିଏ ହେବ ଏନ୍‌ଏସି ଅଧକ୍ଷ ତାକୁ ନେଇ ଅଙ୍କକଷା ଚାଲିଛି। ଭାଜପା ଏନ୍‌ଏସି ଅଧକ୍ଷ ପ୍ରାର୍ଥୀ ଲଗାତର ୨ ଥର ଜୁନାଗଡ ଏନ୍‌ଏସି କାଉନସିଲର ହୋଇ ନିଜ ଲୋକପ୍ରିୟତା ଦେଖାଇ ସାରିଛନ୍ତି। ସହର ଜଣେ ଜଣାଶୁଣା ସାମାଜିକ କର୍ମୀ ଭାବେ ତାଙ୍କ ନାଁ ରହିଛି। ଅନେକ ଗରିବ ଲୋକଙ୍କୁ ସାହାଯ୍ୟ କରିବା ସହ ତାଙ୍କ ସମସ୍ୟା ସମୟରେ ସେ ଛିଡା ହୋଇଥାନ୍ତି, ତେଣୁ ତାଙ୍କ କାମ ହିଁ ତାଙ୍କୁ ବିଜୟ ଆଣିଦେବ ବୋଲି ସେ କହିଛନ୍ତି। ବିଜେଡିର ଏନ୍‌ଏସି ଅଧକ୍ଷ ପ୍ରାର୍ଥୀ ପୂର୍ବରୁ ଜୁନାଗଡ ଏନ୍‌ଏସିର ଅଧକ୍ଷ ରହିଥିବା ବେଳେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସହଯୋଗୀ। ଦଳୀୟ କାର୍ଯ୍ୟକ୍ରମଗୁଡିରେ ସେ ସକ୍ରିୟ ଭାବେ ପରିଚାଳନା କରିଥିବାବେଳେ ଅନେକ ସାମାଜିକ କାର୍ଯ୍ୟ ମଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ମନ୍ତ୍ରୀ ମିଶ୍ରଙ୍କ ଲୋକପ୍ରିୟତା ତାଙ୍କୁ ବିଜୟ ମୁକୁଟ ପିନ୍ଧାଇବ ବୋଲି ସେ ଆଶା ପ୍ରକାଶ କରଛନ୍ତି। କଂଗ୍ରେସ ଏନ୍‌ଏସି

**ଫାଇଦା ନେବା ଅପେକ୍ଷାରେ କଂଗ୍ରେସ**

ଅଧକ୍ଷ ପ୍ରାର୍ଥୀ ଜଣେ ଯୁବ ସଂଗଠକ, ସାମାଜିକ କର୍ମୀ ଭାବେ ପରିଚିତ ଥିବାବେଳେ ସେ ଦୀର୍ଘ ଦିନ ହେଲା ଦଳରେ ରହି ସକ୍ରିୟ ଭୂମିକା ତୁଲାଉଛନ୍ତି। ଉଭୟ ଭାଜପା ଓ ବିଜେଡି ସରକାରଙ୍କ ବିଫଳତା ବାର୍ତ୍ତା ନେଇ ଲୋକଙ୍କଠାରେ ପହଞ୍ଚି ଭୋଟ ଭିକ୍ଷା କରୁଛନ୍ତି। ତେଣୁ ଭୋଟର ଉଭୟ ଦଳକୁ ପ୍ରତ୍ୟାଖାନ କରି କଂଗ୍ରେସକୁ ବିଜୟୀ କରିବେ ବୋଲି ସେ ଆଶା ରଖିଛନ୍ତି। ଜୁନାଗଡ ଏନ୍‌ଏସିରେ ୧୨ଟି ୱାର୍ଡରେ ୧୪ ହଜାର ୭୪୩ ଭୋଟର ରହିଥିବା ଜଣାପଡିଛି।

## ଖଟିଆରେ ବୁହାହେଲେ ରୋଗୀ



ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

ଲାଞ୍ଜିଗଡ,୨୦।୩(ଡି.ଏନ.ଏ.)

ଗାଁକୁ ରାସ୍ତା ନ ଥିବାରୁ ୧୦ କି.ମି. ଦୂରରେ ରହିଥିଲା ଆମ୍ବୁଲାନ୍ସ। ଲୋକେ ଖଟିଆରେ ବୋହି ଜଙ୍ଗଲ ମଧ୍ୟରେ ବହୁ କଷ୍ଟରେ ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ। ପରେ ବିଶ୍ୱନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି ଗୁରୁତର ରୋଗୀଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବେଡାଗାଁ ପଞ୍ଚାୟତ ଦୁର୍ଗମ ମନସ୍ତରା ଗାଁରେ। ସୂଚନା ଅନୁସାରେ ଗାଁର ଅଧିକାଂଶ ଅଧିବାସୀ ପୋଡୁଚାଷ କରି ପରିବାରର ପ୍ରତିପୋଷଣ କରିଥାନ୍ତି। ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ ପୋଡୁଚାଷ କରିବା ପାଇଁ ଗାଁର ଚୌତନ୍ୟ ମାଝି, ଝିଅ ସସ୍ମୀତା ତାଙ୍କ ପରିବାର ଜଙ୍ଗଲକୁ ଗଛ କାଟିବାକୁ ଯାଇଥିଲେ। ସସ୍ମୀତା ଚାଷ କରିବା ପାଇଁ ଜଙ୍ଗଲ ସଫା କରୁଥିବା ବେଳେ ତଳେ ପଡିଯାଇଥିଲା। ଫଳରେ ଏକ ଧାରୁଆ ଗଛରେ ପିଟି ହୋଇ ପେଟରେ ଗୁରୁତର ଆଘାତ ହୋଇ ଅଚେତ ହୋଇପଡିଥିଲେ। ସସ୍ମୀତାର ପେଟ ମଧ୍ୟଭାଗରେ ଗଭୀର ଆଘତ ଲାଗିଥିଲା। ଗାଁ ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପାହାଡ ଚଢି ନେଟୱାର୍କ ସର୍ଚ୍ଚ କରି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ରାସ୍ତା ନ ଥିବାରୁ ୧୦ କି.ମି. ଦୂରରେ ରହିଥିଲା ଆମ୍ବୁଲାନ୍ସ। ଗାଁ ଲୋକେ ଖଟିଆରେ ବୋହି ଜଙ୍ଗଲ ମଧ୍ୟରେ ବହୁ କଷ୍ଟରେ ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ। ବିଶ୍ୱନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବା ପରେ ଗୁରୁତର ଥିବାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଥାଉକି ଗତ ୧୦ ଦିନ ତଳେ ଜଣେ ୮ବର୍ଷର ଶିଶୁ ଜ୍ୱରରେ ଗୁରୁତର ହେବାରୁ ତାକୁ ମଧ ଖଟିଆରେ ବୋହି ଡାକ୍ତରଖାନାକୁ ଅଣାଯାଇଥିଲା।

## ଭାଜପାର ନିର୍ବାଚନୀ ସଭା, ଶୋଭାଯାତ୍ରା

ନୂଆପଡ଼ା ଅଫିସ,୨୦।୩

ନୂଆପଡା ଜିଲା ଭାଜପା ପକ୍ଷରୁ ରବିବାର ଏକ ନିର୍ବାଚନୀ ଶୋଭାଯାତ୍ରା ତେଲିପଡା ଶିବ ମନ୍ଦିରଠାରୁ ବାହାରି ନଗର ପରିକ୍ରମା କରି ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖ ଶିବଶକ୍ତି ନଗର ପଡିଆରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିବା ବେଳେ ଛତିଶଗଡ ମହାସମୁନ୍ଦ ଏମ୍‌ପି ଚିନିଲାଲ ସାହୁ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦେଇ ଭାଜପା ଅଧକ୍ଷ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏମ୍‌ପି ପଣ୍ଡା ପ୍ରଥମ ଥର ପାଇଁ ନିର୍ବାଚନୀ ମଇଦାନରେ ଭୋଟ ପ୍ରଚାର କରୁଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ଭାଜପା ମୂଳପୋଛ ହୋଇଯାଇଥିବାରୁ ଆସନ ରକ୍ଷା ପାଇଁ ହେଭିୱେଟ ନେତାମାନେ ଆସି ଭାଜପା ପାଇଁ ପ୍ରଚାର କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯଦୁମଣି ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ତୁଲସ ପଟେଲ, ଅର୍ଜୁନ ଜଗତ, ସଦାନନ୍ଦ ଯୋଶୀ, ମହେଶ୍ୱର ଦଣ୍ଡସେନା ପ୍ରମୁଖ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ବିଶ୍ୱନାଥ ରଣା ନିଜ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ବାହାରି ନୂଆପଡା ସହର ପରିକ୍ରମା କରି ଭୋଟ ଭିକ୍ଷା କରୁଛନ୍ତି।

## ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ସମ୍ମିଳନୀ

ମୁରିବାହାଲ,୨୦।୩(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଆଶାକର୍ମୀମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଆଶାକର୍ମୀ ସଂଘର ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୨୮ ଓ ୨୯ ତାରିଖରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ଉପରେ ଆଲୋଚନା କରାଯାଇଥିଲା। ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଓ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ(ଏଆଇଟିୟୁସି) ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଆଶାକର୍ମୀ ସଂଘ ସଭାନେତ୍ରୀ ପୁଷ୍ପାଲତା ଧୀର ସଭାପତିତ୍ୱ କରିଥିଲେ। ଏଆଇଟିୟୁସି ଜିଲା ସଭାପତି ବିଭୁଦତ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଆଶାକର୍ମୀଙ୍କୁ ଅତିକମ୍‌ରେ ମାସିକ ସର୍ବନିମ୍ନ ୨୬ହଜାର ଟଙ୍କା ମଜୁରି ଧାର୍ଯ୍ୟ କରିବା, ଅଙ୍ଗନୱାଡି, ଆଶା, ପାଚିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବ ଉପରେ ଆଲୋଚନା ହୋଇଥିଲା। ସମ୍ମାନୀତ ଅତିଥି ଆଶାକର୍ମୀ ସଂଘ ଜିଲ୍ଲା ସଭାପତି ତୀର୍ଥ ପ୍ରଧାନ କହିଥିଲେ, ଜାତୀୟ ଗ୍ରାମୀଣ ମିଶନ ଅନୁଯାୟୀ ୨୦୦୫ ମସିହାରେ ଶିଶୁ ଓ ମା ମୃତ୍ୟୁ ରୋକିବା ଦିଗରେ କାର୍ଯ୍ୟ କରିବାକୁ ଆଶାକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଆଶାକର୍ମୀଙ୍କୁ ୪୨ଟି ସରକାର ଯୋଜନାରେ ସାମିଲ କରାଯାଇଛି। ହେଲେ ସେହି ଅନୁସାରେ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। କରୋନା ସମୟରେ ଆଶାକର୍ମୀମାନେ ନିଜ ଜୀବନ ଭ୍ରୁକ୍ଷେପ ନ କରି ଦିନ ରାତି କାର୍ଯ୍ୟ କରିଥିଲେ। ହେଲେ ସରକାର ସେମାନଙ୍କୁ କୌଣସି ପ୍ରକାର ସହାୟତା ପ୍ରଦାନ କରି ନାହାନ୍ତି। ଅନ୍ୟତମ ଅତିଥି ସଂଘର ଜିଲା ସମ୍ପାଦିକା ଓମି ଗୁପ୍ତା, ଉପସଭାପତି ପ୍ରବୀର କୁମାର କମ୍ପ, ମିନିକେତନ ରଣା, ବ୍ଲକ ସମ୍ପାଦିକା ପୁଷ୍ପା କୁମ୍ଭାର, କୋଷାଧ୍ୟକ୍ଷ ଡାଇ ରଣା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଶାକର୍ମୀ ସେକ୍ଟର ଲିଡ଼ର କାଜଲ ଜାନି, ହୀରା ମାଝି, ସୁଷମା ମେହେର, କାନ୍ତି ଲୁହା ସହଯୋଗୀ କରିଥିଲେ। କନ୍ଦର୍ପ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ନିର୍ବାଚନୀ ମହିଳା ସମାବେଶ



ବିଧାୟକଙ୍କ ସହିତ ସମସ୍ତ ପ୍ରାର୍ଥିନୀ, ପ୍ରାର୍ଥୀ।

ନୂଆପଡ଼ା ଅଫିସ,୨୦।୩

ନୂଆପଡା ଏନ୍‌ଏସି ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜନୈତୀ ପାଣିପାଗ ସେତେ ସରଗରମ ହେବାରେ ଲାଗିଛି। ନୂଆପଡାରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ରବିବାର ନୂଆପଡା ବିଜେଡି ପକ୍ଷରୁ ଜିଲା ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟାଳୟଠାରୁ ଏକ ମହିଳା ବିଶାଳ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଜିଲାର ପ୍ରମୁଖ ଏକତା ଛକରେ ଥିବା ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପୋଲିସ ପଡିଆରେ ଏକ ନିର୍ବାଚନୀ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ନିର୍ବାଚନୀ ସଭାରେ ନୂଆପଡା ବିଧାୟକ ଅଧକ୍ଷତା କରିଥିବା ବେଳେ ନୂଆପଡା ଏନ୍‌ଏସି ଅଧକ୍ଷ ପ୍ରାର୍ଥୀ କ୍ଷିତୀଶ ଅଶୋକ ବୋଧନକର, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଜୋଷୀ, ଦୀପିକା କୋଶଲ୍ୟା, କାଳିଆ ପ୍ରଧାନ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ପପୁ ସ୍ୱାଇଁ ଓ ୧୨ଟି ୱାର୍ଡର କାଉନସିଲରମାନେ ମଞ୍ଚାସୀନ ଥିଲେ। ଚଳିତ ଏନ୍‌ଏସି ନିର୍ବାଚନରେ ଅଧକ୍ଷ ପଦଠାରୁ ଆରମ୍ଭ କରି ସବୁ ୱାର୍ଡରେ କାଉନସିଲର ବିଜୟୀ ହେବା ପାଇଁ ମହିଳା ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ଏହି ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ନିର୍ବାଚନୀ ସଭାରେ ନବୀନ ସରକାରଙ୍କ ମହିଳା ସଶକ୍ତି କରଣ, ନାରୀ ଜାଗରଣ ଓ ଉନ୍ନୟନ ମୂଳକ ଯୋଜନା ଉପରେ ଉପସ୍ଥାପନ କରି ମହିଳା ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି।

## ବାଇକ୍ ଚୋରି ଗ୍ୟାଙ୍ଗ ପର୍ଦ୍ଦାଫାଶ: ୩ ଗିରଫ





ଜୁନାଗଡ,୨୦।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ଏକ ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାପାଶ କରିଛି। ବାଇକ୍ ଚୋରଙ୍କଠାରୁ ୬ଟି ମୋଟରସାଇକେଲ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୋଲାମୁଣ୍ଡା ଥାନା ଚିଚିଆ ଗ୍ରାମର ମାନସ ରଞ୍ଜନ ସରାଫ, ବୈଜଲପୁର ଗ୍ରାମର ଦେବେନ୍ଦ୍ର ସାହୁ ଓ କୋକସରା ଥାନା ଚାରବାହାଲ ଗ୍ରାମର ରଜନୀ ଗହୀର। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ. ୧୨୯/୨୨) ରୁଜୁ ହୋଇଥିବା ଜୁନାଗଡ ଆଇଆଇସି ଉତ୍ତମ କୁମାର ସାହୁ ସୁଚନା ଦେଇଛନ୍ତି।

## ଫଟାମୁଣ୍ଡାରେ ବଧୂହତ୍ୟା ଅଭିଯୋଗ

ଲୋଇସିଂହା,୨୦।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଫଟାମୁଣ୍ଡା ଗାଁର ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତାଙ୍କ ବଡ ଭାଇ କୁଞ୍ଜବିହାରୀ ତ୍ରିପାଠଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ଗ୍ରାମର ପ୍ରହ୍ଲାଦ ତ୍ରିପାଠୀଙ୍କ ସାନଝିଅ ବବିଶିନୀ ତ୍ରିପାଠୀ(୨୪) ଲୋଇସିଂହା ଥାନା ଫଟାମୁଣ୍ଡାର ପ୍ରଫୁଲ୍ଲ ତ୍ରିପାଠୀ(୩୨)ଙ୍କୁ ୨୦୧୬ମସିହାରେ ବିବାହ କରିଥିଲେ। ତାଙ୍କର ୨ଟି କନ୍ୟା ସନ୍ତାନ ରହିଛନ୍ତି। ହେଲେ ବିବାହ ପରଠାରୁ ବବିଶିନୀଙ୍କୁ ତାଙ୍କ ସ୍ୱାମୀ, ଶାଶୁ ସବିତା ତ୍ରିପାଠୀ ଏବଂ ଶ୍ୱଶୁର ଜଗନ୍ନାଥ ତ୍ରିପାଠୀ ନିର୍ଯାତନା ଦେଉଥିଲେ। ଦ୍ୱିତୀୟ ସନ୍ତାନ ଗର୍ଭରେ ଥିବାବେଳେ ବିବିଶିନୀଙ୍କୁ ମାଡ ମାରିବାରୁ ସେ ବାପ ଘରକୁ ଚାଲିଆସିଥିଲେ। ଏନେଇ ଲୋଇସିଂହା ଥାନାରେ ୨୨ ନଭେମ୍ବର ୨୦୨୦ରେ ଅଭିଯୋଗ ହୋଇଥିଲା। ସେତେବେଳେ ଏପରି ଭୁଲର ପୁନରାବୃତ୍ତି ଘଟିବ ନାହିଁ ସର୍ତ୍ତ ଲେଖି ପ୍ରଫୁଲ ବବିଶିନୀଙ୍କୁ ଘରକୁ ନେଇଥିଲେ। ହେଲେ କିଛି ମାସପରେ ପୁଣି ନିର୍ଯାତନା ଆରମ୍ଭ ହୋଇଥିଲା। ନିର୍ଯାତନା ଅସହ୍ୟ ହେବାରୁ ବବିଶିନୀ ଗତ ବୁଧବାର ପରିବାର ଲୋକଙ୍କୁ ଫୋନ କରି ଘରକୁ ନେଇଯିବାକୁ କହିଥିଲେ। ହେଲେ ସେହିରାତିରେ ଜ୍ୱାଇଁ ପ୍ରଫୁଲ୍ଲ ଶ୍ୱଶୁର ଘର ଲୋକଙ୍କୁ ଫୋନ କରି ବବିଶିନୀ ବିଷ ପିଇ ଦେଇଥିବା କହିଥିଲେ। ଖବର ପାଇ ବାପ ଘର ଲୋକେ ଲୋଇସିଂହା ଡାକ୍ତରଖାନାରେ ପହଞ୍ଚିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ହେଲେ ଶୁକ୍ରବାର ସନ୍ଧ୍ୟାରେ ବବିଶିନୀଙ୍କ ବାପଘର ଲୋକେ ମୃତଦେହ ଧରି ଲୋଇସିଂହା ଥାନାର ପହଞ୍ଚିଥିଲେ। ଶ୍ୱଶୁର ଘର ଲୋକେ ଝିଅକୁ ନିର୍ଯାତନା ଦେବା ସହ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା ବାର୍ତ୍ତା

ଖପ୍ରାଖୋଲ,୨୦।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ହରିଶଙ୍କର ରେଞ୍ଜ ତରଫରୁ ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ବର୍ଡିଆ ଗାଁରେ ରେଞ୍ଜ ଅଧିକାରୀ ଗିରିଧାରୀ ନାଗଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲରେ କିଭଳି ନିଆଁ ନ ଲାଗିବ ସେ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଜଙ୍ଗଲରେ ପତ୍ରଝଡା ହେଲେ ନିଆଁ ଲାଗି ଦୁର୍ଲଭ ବୃକ୍ଷଲତା, ବନ୍ୟପ୍ରାଣୀ ଏବଂ ପଶୁପକ୍ଷୀ ପୋଡି ମୃତ୍ୟୁମୁଖରେ ପଡୁଥିବାରୁ ସମସ୍ତେ ସଚେତନ ହୋଇ ଏହା ରୋକିବାକୁ ନିବେଦନ କରାଯାଇଥିଲା। ଅନେକ ସମୟରେ କେତେକ ଖଳ ପ୍ରକୃତିର ଲେକେ ବିନା କାରଣରେ ଜଙ୍ଗଲରେ ନିଆଁ ଲଗାଇ ତାର ମଜା ନେଉଥିବାରୁ ତାକୁ କିଭଳି ରୋକାଯାଇ ପାରିବ ସେ ନେଇ ବୁଝାଯାଇଥିଲା। ପରେ କୃଷ୍ଣପ୍ରିୟା କଳାପରିଷଦ ଡୁଷୁରାର କଳାକାରମାନେ ଘୁଡୁକା ନାଚ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ଭରୁଆମୁଣ୍ଡା, ଆମ୍ବବାହାଲି, ରେଙ୍ଗାଲି, ବେହେରାପାଣି, ସାପମୁଣ୍ଡ, ଫୁଲକିମୁଣ୍ଡା, ଜଲିଆବାହାଲ, ହନୁପାଲି ପ୍ରଭୃତି ପାହାଡ ତଳି ୧୬ଟି ଗାଁରେ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ହରିଶଙ୍କର ବନପାଳ ପ୍ରିୟବ୍ରତ ମହାକୁଡ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ଘାଷିରାମ ଦୀକ୍ଷିତ, ପଦ୍ମା ମୁଣ୍ଡା, ହିତେସ ମାଝି, ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଁଦାଉରୁ ଜଙ୍ଗଲ ବଞ୍ଚାଇବା ଚିନ୍ତା

ମୁରିବାହାଲ,୨୦।୩(ଡି.ଏନ.ଏ.)



ମୁରିବାହାଲରେ ଜଙ୍ଗଲ ସୁରକ୍ଷା ସଚେତନା ସଭାରେ ମଞ୍ଚାସୀନ ଅତିଥି।

ନିଆଁଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ବନ ବିଭାଗ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନେଇଛି। ବଲାଙ୍ଗୀର ଜିଲା ମୁରିବାହାଲ ବନାଞ୍ଚଳ ଅଧୀନ ୧୧ଗାଁରେ ବିଭାଗ ପକ୍ଷରୁ ସଭା, ଶୋଭାଯାତ୍ରା ଆଦି କରାଯାଇ ଜନସଚେତନତା ସୃଷ୍ଟି କରାଯାଇଛି। ମୁରିବାହାଲ ବନାଞ୍ଚଳ ଅଧିକାରୀ ଲିଙ୍ଗରାଜ ଭୋଇଙ୍କ ଅଧକ୍ଷତାରେ ହଳଦୀ ପଞ୍ଚାୟତର ତେନ୍ତୁଲିଖୁଣ୍ଟି, ମାଲିସିରା ପଞ୍ଚାୟତର ଡଙ୍ଗବାଞ୍ଜି, ଗୁଲମୀ ନିକଟ ଖାଲିଆଖମର, ଗୁଡିଘାଟ ଗ୍ରାମ ପଞ୍ଚାୟତର ବିଜମାଲ, ବାରବନ୍ଧ ଓ ଚଳକି ପଞ୍ଚାୟତର ଯଏତାରା, ବନବାହାଲ, ଡଙ୍ଗରପଡା, ଯମୁନାବାହାଲ, ସାଲେପଡା, ଯେଙ୍ଗରା ଆଦି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ପ୍ରତି ବର୍ଷ ମୁରିବାହାଲ ରେଞ୍ଜ ଅଧୀନ ତିଖାଲି ଜଙ୍ଗଲରେ ନିଆଁ ଲାଗୁଛି। ମୂଲ୍ୟବାନ ଗଛ ସହ ପଶୁପକ୍ଷୀଙ୍କର ଅମୂଲ୍ୟ ଜୀବନ ଯାଉଛି। ଏସବୁର ସୁରକ୍ଷା କିଭଳି କରାଯାଇ ପାରିବ ସେ ନେଇ ବିଭାଗୀୟ କର୍ମଚାରୀ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ସାମାନ୍ୟ ତ୍ରୁଟି ପାଇଁ କିଭଳି ଜଙ୍ଗଲରେ ନିଆଁ ଲାଗୁଛି ସେ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରରେ ଅବଗତ କରାଯାଇଥିଲା।

**୧୧ଗାଁରେ ସଚେତନତା କାର୍ଯ୍ୟକ୍ରମ କଲା ବନ ବିଭାଗ**

ଏହି କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନାର ଟିମ ଲିଡ଼ର ଅଜୟ ମହାନ୍ତି, ବିକାଶ ଆଧିକାରୀ ସ୍ୱରୂପ ରାଉତ, ମୁରିବାହାଲ ଫରେଷ୍ଟର ପୁଷ୍ପା ଯୋଶୀ, ଗୁଡିଘାଟ ଫରେଷ୍ଟର ଆଦିତ୍ୟ ନନ୍ଦ, ଯଏତାର ଫରେଷ୍ଟର ଧ୍ରୁବ ବଗତି, ଗୁଲମୀ ଫରେଷ୍ଟର,ରଞ୍ଜୀତ ସିଂଦେଓ, ଜଙ୍ଗଲ ସୁରକ୍ଷା କମିଟି ସଭାପତି ରାଜୀବ କୁମାର ମହାନ୍ତି, ସମସ୍ତ ବନ ସୁରକ୍ଷା ସମିତି ସଭ୍ୟ, ଏସ୍‌ଏଚ୍‌ଜି ମହିଳା, ଆଶା ମା, ଉପସ୍ଥିତ ଥିଲେ। ଏଥିସହ ସଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ଜନସଚେତନତା କରାଯାଇଥିଲା।

## ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ନିଆଁ

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଧୁରପୁର ଗାଁ ଛକରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ରବିବାର କୌଣସି କାରଣରୁ ଜଳି ଉଠିଥିଲା। ହଠାତ୍ ନିଆଁ ଲାଗି ଜଳିବା ସମୟରେ ଛକରେ ଥିବା ଦୋକାନୀମାନେ ଭୟଭୀତ ହୋଇପଡିଲେ। ଖବର ପାଇ ବିଶାଳପାଲି ବିଦ୍ୟୁତ୍ ଗ୍ରୀଡ କର୍ତ୍ତୃପକ୍ଷ ସରବରାହ ବନ୍ଦ କରିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରକାଶ ଥାଉକି ବିଶାଳପାଲି ଛକ ଟ୍ରାନ୍ସଫରମ ମୁକୁଳା ପଡିଛି ଏହା ଚାରିପଟେ ପାଚେରି ଦେବାକୁ ଲୋକେ ଦାବି କରିଛନ୍ତି।

## ସଂକ୍ଷେପରେ

### କୀର୍ତ୍ତନ ମାଧମରେ ନିର୍ବାଚନୀ ପ୍ରଚାର କଲେ ମନ୍ତ୍ରୀ



କୀର୍ତ୍ତନ ଶୋଭାଯାତ୍ରାରେ ସାମିଲ ମନ୍ତ୍ରୀ ଗୀତ ଗାଉଛନ୍ତି।

ବିନିକା,୨୦।୩(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସିରେ ପୌର ନିର୍ବାଚନ ପାଇଁ ପ୍ରଚାର ଅଭିଯାନକୁ ରାଜନୈତିକ ଦଳଗୁଡିକ ଜୋରଦାର କରିଛନ୍ତି। ଦଳୀୟ ପୌରାଧକ୍ଷ ଏବଂ କାଉନସିଲର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଭିନ୍ନ ରଣକୌଶଳ ଆପଣା ଯାଉଛି। ଏହିକ୍ରମରେ ବିଜେଡି ପାଇଁ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶନିବାର ବିନିକା ସହରରେ କୀର୍ତ୍ତନ ମାଧମରେ ମତଦାତାଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରିଥିଲେ। କୀର୍ତ୍ତନରେ ସେ ନିଜେ ଗୀତ ଗାଉଥିବା ଦେଖିବାକୁ ମିଳିଥିଲା।

### ଗଞ୍ଜେଇ ସମେତ ବାଇକ୍ ଜବତ, ୪ ଗିରଫ

ସୋନପୁର,୨୦।୩(ନି.ପ୍ର.): ସୋନପୁର ପୋଲିସ ଶନିବାର କୁଞ୍ଜ ଛକଠାରେ ଚଢାଉ କରି ଗଞ୍ଜେଇ ସମେତ ବାଇକ୍ ଜବତ କରିଛି। ଏହି ଘଟଣାରେ ୪ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ମନମୁଣ୍ଡାର ଉଦ୍ଧବ କହଁର(୨୨), ଅରୁଣ କହଁର(୨୧), କମଳାକାନ୍ତ କହଁର(୨୦) ଓ ଶୁକଦେବ କହଁର(୧୯)। ସେମାନଙ୍କ ନିକଟରୁ ଏକ ଟିଭିଏସ ଆପାଚି ବାଇକ ନମ୍ବର ଓଡିଶା୧ଜି-୯୧୨୦ ଓ ୧୩ କିଲୋ ୮୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା(୬୪/୨୨)ରୁଜୁ ହୋଇଛି। ରବିବାର ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ହୋଲିରେ କବିତା ପାଠୋତ୍ସବ

ପାଇକମାଳ,୨୦।୩(ଡି.ଏନ.ଏ): ବରଗଡ ଜିଲା ପାଇକମାଳରେ ହୋଲି ଅବସରରେ ଏକ କବିତା ପାଠୋତ୍ସବ ରବିବାର କବି ବିଜୟ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଲିଙ୍ଗରାଜ ସାହୁ କବିତା ଆବୃତ୍ତିର ଶୁଭାରମ୍ଭ କରିଥିଲେ। କବି ଡୋଲାମଣୀ ତ୍ରିପାଠୀ, ଡ. ରଶ୍ମିରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ପାଣିଗ୍ରାହୀ, ମନିଷା ତ୍ରିପାଠୀ, ବିଶ୍ୱନାଥ ସେଠ, ବାଲମକୁନ୍ଦ ନିଆଲ, ଡା. ଅନିତା ମିଶ୍ର, ଚିତ୍ତ ସରାଫ, ଜଗନ୍ନାଥ ପ୍ରଧାନ, ସମ୍ପିତ ମାହାଲିଙ୍ଗ, ପ୍ରଦିପ୍ତ ଦିୱାନ, ପ୍ରମୋଦ ପ୍ରଧାନ, ଭବାନୀ ଭୋଇ, ନନ୍ଦଲାଲ ନାୟକ, ଡା. ଶୁଶୀଲ ବଡପଣ୍ଡା ପ୍ରମୁଖ ନିଜ ନିଜର କବିତା ଆବୃତ୍ତି କରଥିଲେ। ନରସିଂହ ପ୍ରଧାନ, ପିଙ୍କି ସାହୁ, ଲିପି ଦାସ ସହଯୋଗ କରିଥିବା ବେଳେ ଅଧାପିକା ରଞ୍ଜିତା ମହାନ୍ତି ସମୀକ୍ଷା କରିଥିଲେ।

### ପୋଲିସର ଫ୍ଲାଗ ମାର୍ଚ୍ଚ

ପଦ୍ମପୁର,୨୦।୩(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ପୌର ନିର୍ବାଚନକୁ ନିରପେକ୍ଷ, ଭୟଶୂନ୍ୟ କରିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଜନସାଧାରଣଙ୍କୁ ସଚେତନ କରିବା ସହ ଶାନ୍ତିଶୃଙ୍ଖଳାରେ ଭୋଟ୍ ଦେବାକୁ କୁହାଯାଉଛି। ନିର୍ବାଚନକୁ ଦୃଷ୍ଟିରେ ରଖି ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ ଓ ଆଦର୍ଶ ଥାନାଧିକାରୀ ରାଜେନ୍ଦ୍ର ସିଆଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି।

# ମନମୋହିଲା ପଞ୍ଚରସି, ଚୁଟକୁଚୁଟା ନୃତ୍ୟ

ଅମରପାଲି/ଉଲୁଣ୍ଡା, ୨୦।୩(ଡି.ଏନ.ଏ.)




ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଦେଶଫାଲ ଲୋକକଳା ମହୋତ୍ସବ ଉଦ୍‌ଯାପିତ**

■ସବ୍ୟସାଚୀ ମହାପାତ୍ରଙ୍କୁ ଦେଶଫାଲ ଲୋକକଳା ସଂସ୍କୃତି ସମ୍ମାନ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଧର୍ମଶାଳାରେ ଚାଲିଥିବା ଲୋକଗୀତର ମହାପାର୍ବଣ ତୃତୀୟ ଦେଶଫାଲ ଲୋକକଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ପଦ୍ମଲୋଚନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଡ.ଆଭାସ ବାବୁ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କମିଟିର ବରିଷ୍ଠ ସଦସ୍ୟ ଧର୍ମନିରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସିନେ ନିର୍ଦ୍ଦେଶକ ଡ.ସବ୍ୟସାଚୀ ମହାପାତ୍ରଙ୍କୁ ଦେଶଫାଲ କଳା ସଂସ୍କୃତି ସମ୍ମାନ ଓ ଲକ୍ଷ୍ମିକାନ୍ତ ପଣ୍ଡାଙ୍କୁ ଦେଶଫାଲ ଶିକ୍ଷା ବିକାଶ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅଗ୍ନିଶମ, ପୋଲିସ, ସ୍ୱାସ୍ଥ୍ୟ, ବିଦ୍ୟୁତ ଓ ଆୟୋଜକ ପଞ୍ଚାୟତର କର୍ମଚାରୀଙ୍କୁ ମଧ ସମ୍ମାନୀତ କରାଯାଇଥିଲା। କମିଟି ସମ୍ପାଦକ ଶିନିବାସ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କେଶବ ଦାଶ, ବୀରେନ୍ଦ୍ର ଜଗଦଲା ଓ ସାଥୀଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡ କଳାଜୀବୀ ନୃତ୍ୟ ପରିଷଦ ଦ୍ୱାରା ପଞ୍ଚରସୀ ଓ ଚୁଟକୁଚୁଟା ନୃତ୍ୟ, ଉଲୁଣ୍ଡା କଳାକାରଙ୍କ ଶବର୍ ଶବରେନ, ବରପଦର(ବୌଦ୍ଧ) ବଉଳି କଳା ପରିଷଦ ଦ୍ୱାରା ଲୋକନୃତ୍ୟ, ପଞ୍ଚମହଲା ହାଇସ୍କୁଲ କଳାକାରଙ୍କ ଦ୍ୱାରା ପଖାନ ଉପରେ ପାନି ସମ୍ବଲପୁରୀ ନୃତ୍ୟ, ବଲାଙ୍ଗୀର ବାଙ୍ଗିରୀ କଳା ପରିଷଦ ଦ୍ୱାରା ଅଦିବାସୀ ନୃତ୍ୟ, ରୂପଶ୍ରୀ କଳାପରିଷଦ ସିଙ୍ଗାରୀ(ତରଭା)ର ଦାଲଖାଇ, ମାଇଲାଜାଡ, ଉଲୁଣ୍ଡାର କର୍ମା ଆଦିନୃତ୍ୟ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଡ.ଲକ୍ଷ୍ମିନାରାୟଣ ସାହୁ ଓ ଦେବଜାନୀ ମେସୁଆ ସଂଯୋଜନା କରିଥିଲେ।

# ଭୋଟ ଦେଲେ ନାହିଁ ବୋଲି ଅପହରଣ କରି ମାଡ଼

କନ୍ଧମାଳ/ବାଉଁଶୁଣୀ, ୨୦।୩(ଡି.ଏନ.ଏ.)

**ନିର୍ବାଚନ ପରବର୍ତ୍ତୀ ହିଂସା**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ପଞ୍ଚାୟତରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖାଦେଇଛି। ସମର୍ଥକଙ୍କ ସହ ଜଣେ ବିଜେଡି ନେତା ୨ ଜଣଙ୍କୁ ଅପହରଣ ପରେ ମାଡ଼ ମାରିଥିବା ନେଇ ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ଶଗଡା ପଞ୍ଚାୟତ ଡୋଡସିଂ ଗାଁର ନାରାୟଣ କହଁର ଏବଂ ତାଙ୍କର ଜଣେ ସମ୍ପର୍କୀୟ ବଡଭାଇ ତୁମ୍ଭେଶ୍ୱର କହଁର କୌଣସି କାମରେ ମନମୁଣ୍ଡା ଆସି ଘରକୁ ଫେରୁଥିଲେ। ଏହି ସମୟରେ ଶଗଡା ପଞ୍ଚାୟତର ଖଣ୍ଡିକନପା ଗାଁ ମୁଣ୍ଡରୁ ଜିଲା ପରିଷଦ ୪ ନଂ ଜୋନର ବିଜେଡି ପ୍ରାର୍ଥୀଙ୍କ ସ୍ୱାମୀ ବିପିନ ପଧାନ ଏବଂ ତାଙ୍କର ଅନ୍ୟ ୭ ଜଣ ସହଯୋଗୀ ଉଭୟଙ୍କୁ ଅପହରଣ କରି ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲେ। ନିର୍ବାଚନ ସମୟରେ ଭୋଟ ଦେଇ ନ ଥିବାରୁ ଦୁହିଁଙ୍କୁ ପ୍ରବଳ ମାଡ ମାରିବା ସହ ଟଙ୍କା ଲୁଟ କରି ନେଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ସେମାନଙ୍କୁ ସନ୍ଧ୍ୟାରେ ଛାଡି ଦେଇଥିଲେ। ଚଳିତ ନିର୍ବାଚନରେ ଜିଲା ପରିଷଦ ଜୋନ ୪ରେ ଭାଜପା ପ୍ରାର୍ଥୀ ବିଜୟ ଲାଭ କରିଥିବାରୁ ବିଜେଡି ପ୍ରାର୍ଥୀଙ୍କ ସ୍ୱାମୀ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି। ଏନେଇ ରବିବାର ମନମୁଣ୍ଡା ଥାନାରେ ଅଭିଯୋଗ ପରେ ପୋଲିସ ନଂ ୬୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ଅଦ୍ୟାବଧି କାହାରିକୁ ଗିରଫ କରାଯାଇନାହିଁ।

# ବୀରମହାରାଜପୁର ଦୋଳ ମହୋତ୍ସବ ସମ୍ପନ୍ନ



ବୀରମହାରାଜପୁରରେ ହରିହର ଭେଟ କରାଯାଉଛି।

ଅମରପାଲି,୨୦।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ପ୍ରସିଦ୍ଧ ଦୋଳ ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଚମ୍ପାମାଲର ବାବା ଚମ୍ପେଶ୍ୱର ରୀତିନୀତି ଅନୁସାରେ ପୂର୍ଣ୍ଣମି ଦିନ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କଲା ପରେ ମେଳଣ ପଡିଆକୁ ହରିହର ଭେଟ ପାଇଁ ଆସିଥିଲେ। ଏଠାରେ କମଣ୍ଡଲପୁରର ଗୁପ୍ତେଶ୍ୱର, ଟିଁପିଲିର କପିଳେଶର, ବୀରମହାରାଜପୁରର ଜଗନ୍ନାଥ, ଷଣ୍ଢା, ବାଗବର, କୁମୁରସିଂହାର ରାଧାକୃଷ୍ଣଙ୍କ ମହାମିଳନ ହରିହର ଭେଟ ସମ୍ପନ୍ନ ହୋଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ଦେବଦେବ ହରିହରଙ୍କୁ ପାରମ୍ପରିକ ଶୋଭାଯାତ୍ରାରେ ଦୋଳମଣ୍ଡପକୁ ଅଣାଯାଇଥିଲା। ରଙ୍ଗ ଅବିରରେ ରଙ୍ଗାଇତ ହୋଇଥିଲେ ହରିହର। ଘଣ୍ଟ, ଘଣ୍ଟା ଢୋଲ, ନିଶାନ, ଆତସ ବାଜିରେ ପ୍ରକମ୍ପିତ ହୋଇଥିଲା ଯାତ୍ରା ପଡିଆ। ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର, ନାମ ସଂକିର୍ତ୍ତନ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ଦୋଳ ପୂର୍ଣ୍ଣିମାରେ ଚମ୍ପାମାଲଠାରେ ମନ୍ତ୍ରୀ ପଦ୍ମନାଭ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ରଞ୍ଜିତ ରଥ, ସ୍ଥାନୀୟ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ରାମକୃଷ୍ଣ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରା କମିଟି ସଭାପତି କିଶୋର ହୋତା ସଭା ପରିଚାଳନା କରିଥିଲେ। ପ୍ରମୋଦ ପୁରୋହିତ, ଅବନାଶ କର୍ଣ୍ଣ, ବିଶ୍ୱନାଥ ଥାନାପତି, ସରୋଜ ହୋତାପ୍ରମୁଖ ପରିଚଳନା କରିଥିଲେ। ସେହିପରି ବୀରମହାରାଜପୁରଠାରେ ସଭାପତି ବିଷ୍ଣୁ ଚରଣ ପଣ୍ଡା, ଦୟାନିଧି ହୋତା, ବସନ୍ତ ମହାକୁର, ଦାମଦୋର ହୋତା ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। ବିଭିନ୍ନ ଦିବସରେ ସୁନ୍ଦରାକାଣ୍ଡ ପାରାୟଣ,ଚବିଶ ପ୍ରହର ନାମଯଜ୍ଞ,ମେଲୋଡି ଆଦି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଶାସନ ପକ୍ଷରୁ ଉପଜିଲାପାଳ ଅଶୋକ କୁମାର ଭୋଇ,ଏସ୍‌ଡିପିଓ ଡୋଳମଣୀ ଭୋଇ, ଆଇଆଇସି ଅଞ୍ଜଳି କୁମ୍ଭାର, ଏନସିସି ବୀରମହାରାଜପୁର କଲେଜ ପ୍ରମୁଖ ସହଯୋଗ କରିଥିଲେ।

## ରେଙ୍ଗାଲିକ୍ୟାମ୍ପରେ ବିଶ୍ୱ ପଖାଳ ଦିବସ

ଜାମଟିକ୍ରା, ୨୦।୩(ଡି.ଏନ.ଏ)

ଅତାବିରା ବ୍ଲକ ରେଙ୍ଗାଲି କ୍ୟାମ୍ପରେ ରବିବାର ବ୍ଲକ ଆଞ୍ଚଳିକ ସାହିତ୍ୟ ପରିଷଦ ତରଫରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ସାହିତ୍ୟ ପରିଷଦର ସଭାପତି ଦଶରଥ ଭୋଇ। ଡାକ୍ତର ପ୍ରଶାନ୍ତ ପଣ୍ଡା ମୁଖ୍ୟଅତିଥି, ଡଃ ଅଜିତ କୁମାର ନାଥ, ଡାକ୍ତର ପଲଭ ପଧାନ, ଡଃ ସୁଷମା ସାହୁ, ସମାଜସେବୀ ନିହାଲ ସିଂ, କୃଷ୍ଣଚନ୍ଦ୍ର ପଧାନ, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଧର୍ମରାଜ ପଧାନ କାର୍ଯ୍ୟକ୍ରମ ପରିଚାଳନା ଏବଂ ସୁବାସ ପଧାନ, ଦୁର୍ଲଭ ଗଣତି, ସୁରେନ୍ଦ୍ର କଠାର, ଚିତ୍ତରଞ୍ଜନ ଭୋଇ, କେତନ ରଣା ପ୍ରମୁଖ କରିଥିଲେ ସହଯୋଗ କରିଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ସରୋଜ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋଲିରେ ସଭିଁଏ ଏକାଠି




ହୋଲି ମିଳନ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ଏସ୍‌ପି ଏବଂ ଅନ୍ୟମାନେ।

ବରଗଡ଼ ଅଫିସ୍,୨୦।୩

ପୌର ନିର୍ବାଚନ ନେଇ ସବୁ ରାଜନୈତିକ ଦଳ ବର୍ତ୍ତମାନ ପୃଥକ୍ ଭାବେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି । ତେବେ ଶନିବାର ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ହୋଲି ମିଳନ କାର୍ଯ୍ୟକ୍ରମରେ ସବୁଦଳ ନେତା ଏକାଠି ହୋଇ ପରସ୍ପର ଫଗୁ, ରଙ୍ଗ ବୋଳି ଭାବ ବିନିମୟ କରିଥିବା ଦେଖିବାକୁ ମିଳିଥିଲା। ଏହା ସହିତ ଓକିଲ, ପ୍ରଶାସନିକ ଅଧିକାରୀ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନର ସ୍ୱେଚ୍ଛାସେବୀ, ସଚେତନ ନାଗରିକମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାଜ୍ୟସଭା ଏମପି ପ୍ରସନ୍ନ ଆଚାର୍ଯ୍ୟ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରେଶ୍ୱର ଶତପଥି, କଂଗ୍ରେସ ନେତା ହରଦୀପ ସିଂ, ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଜିଲା ଓକିଲ ସଂଘ ସଭାପତି କୁଶ ପ୍ରଧାନ, ପୂର୍ବତନ ବିଧାୟକ ସାଧୁ ନେପାକ, ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ପ୍ରୋପଇଟର ଚନ୍ଦ୍ରଶେଖର ବାଗ, ବିକାଶ ଗ୍ରୁପ୍‌ର ଅଧକ୍ଷ ଡି. ମୁରଲିକ୍ରୀଷ୍ଣା, ବରଗଡ଼ ଏସ୍‌ପି ରାହୁଲ ଜୈନ, ଏସ୍‌ଡ଼ିପିଓ ଦିପକ କୁମାର ଗୋଚ୍ଛାୟତ, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ, ଡା. ରାମକୃଷ୍ଣ ପୁରୋହିତଙ୍କ ସମେତ ସଂକଳ୍ପ, ନିଷ୍ଠା ପରିବାର ସଦସ୍ୟ ଯୋଗଦାନ କରିଥିଲେ।

# ବିଜେଡିରେ ମିଶିଲେ କଂଗ୍ରେସ ପ୍ରାର୍ଥୀ



ବିଜେଡ଼ିରେ କଂଗ୍ରେସ କାଉନସିଲର ପ୍ରାର୍ଥୀ ସମର୍ଥକଙ୍କ ସହିତ ସାମିଲ ହେଉଛନ୍ତି ।

ବରଗଡ଼ ଅଫିସ୍,୨୦।୩

ପୌର ନିର୍ବାଚନକୁ ନେଇ ବରଗଡ଼ ପୌର ପରିଷଦରେ ଘଡ଼ିକେ ଘୋଡ଼ା ଛୁଟୁଛି। ଗତ କିଛିଦିନ ତଳେ ଜଣେ ସ୍ୱାଧୀନ ପୌରାଧ୍ୟକ୍ଷା ପ୍ରାର୍ଥୀ ଏବଂ ଜଣେ ଭାଜପା କାଉନସିଲର ପ୍ରାର୍ଥୀ ବିଜେଡ଼ିରେ ମିଶିଥିଲେ। ଶନିବାର ୱାର୍ଡ ନଂ-୩ର କଂଗ୍ରେସ କାଉନସିଲର ପ୍ରାର୍ଥୀ ମନୋଜ ନିଜ ସମର୍ଥକଙ୍କ ସହିତ ବିଜେଡ଼ିରେ ଯୋଗ ଦେଇଛନ୍ତି। ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟକୁ ଆସି ସେ ବିଜେଡ଼ିରେ ସାମିଲ ହୋଇଥିଲେ।

# ସହରକୁ ସ୍ୱଚ୍ଛ, ସୁନ୍ଦର କରିବାକୁ ପ୍ରୟାସ

ସୋନପୁର,୨୦।୩(ନି.ପ୍ର.): ସୁବର୍ଣ୍ଣପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ରବିବାର ସ୍ଥାନୀୟ ବୁଢାରଜା ଛକଠାରୁ କଲେଜ ରାସ୍ତା କଚେରି ଛକଯାଏ ପଲିଥିନମୁକ୍ତ ମହାସଚେତନତା ଅଭିଯାନକୁ ଏସ୍‌ପି ଅମରେଶ ପଣ୍ଡା ଶୁଭାରମ୍ଭ କରିଥିଲେ। ଏସ୍‌ପି ପଣ୍ଡା ନିଜେ ରାସ୍ତା ଓ ଡ୍ରେନରୁ ଜରି ଗୋଟାଇ ସଫେଇ କରିଥିଲେ। ସକାଳ ୫.୩୦ରୁ ୭ଟା ଯାଏ ଆଜିର ଏଇ ଅଭିଯାନରେ ଶତାଧିକ ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ଯୋଗଦେଇ ପଲିଥିନ ଗୋଟାଇ ସହର ବାସୀଙ୍କୁ ସଚେତନ କରାଇଥିଲେ। ସବୁବର୍ଗର ଲୋକଙ୍କ ସହଯୋଗରେ ଆଗକୁ ସହର ଓ ଜିଲା ସାରା ଏଇ ସଚେତନତା ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି ଏସପି ପଣ୍ଡା ପ୍ରକାଶ କରିଥିଲେ। ଏସ୍‌ପି ପଣ୍ଡାଙ୍କ ତତ୍ତ୍ୱାବଧାନରେ ରିଜର୍ଭ ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ପଟେଲ, ଆରଆଇ ଅମରେନ୍ଦ୍ର ପାଣିଗ୍ରାହୀ, ସର୍ଜେଣ୍ଟ ବିଶନାଥ ଜେନା, ହାବିଲଦାର ପୋଲିସ ସଂଘର କୁମୁଦ ମେହେର, ସ୍ୱଚ୍ଛ ଭାରତ କୋଅର୍ଡିନେଟର ମନୋରଞ୍ଜନ ତ୍ରିପାଠୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ସଂଗଠନ, ପୋଲିସ ଟିମ, ଯୋଗାଳୟ, ସୋନପୁର କଲେଜ ଏନସିସି ଗ୍ରୁପ, ଓ ଆରଏସଏସ କର୍ମକର୍ତ୍ତା ସହାୟତା କରିଥିଲେ।



ଏସ୍‌ପି ଓ ଅଭିଯାନରେ ସାମିଲ ବ୍ୟକ୍ତିମାନେ ରାସ୍ତାରେ ପଡିଥିବା ପଲିଥିନ ଗୋଟାଉଛନ୍ତି।

# ଜାତୀୟ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋରେ ସୁବର୍ଣ୍ଣପୁରର ୪ କ୍ରୀଡାବିତ୍

ସୋନପୁର,୨୦।୩(ନି. ପ୍ର)

ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ୪ଜଣ ଖେଳାଳି କେରଳ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ସର୍ବଭାରତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବେ। ଖେଳାଳିମାନେ ଶନିବାର କେରଳ ଅଭିମୁଖେ ବାହାରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଟାଏକୋଣ୍ଡୋରେ ମନୋନୀତ ହୋଇଥିବା ସୁବର୍ଣ୍ଣପୁର ଜିଲା ସିଣ୍ଡୋଲ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ +୩ ଛାତ୍ର ଶୁଭମ ପଟ୍ଟନାୟକ ଏବଂ ସମ୍ବଲପୁର ଜିଲା ମାଁ ଝାଡେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ଧମାର ମୁକେଶ କୁମାର ପଣ୍ଡା, ଆର୍ଯ୍ୟନ ପୁରୋହିତ ଏବଂ ମନିଷ ପ୍ରସାଦ ପ୍ରମୁଖ ଏହି ଜାତୀୟ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ ଡାଇରେକ୍ଟର ଅଭିନାଶ କରଙ୍କ ନିର୍ଦ୍ଦେଶକ୍ରମେ ଟିମ ମ୍ୟାନେଜର ଝାଡେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ପିଇଟି ଶିକ୍ଷକ ରାମ କୁମାର ସାହୁ ଏବଂ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ପ୍ରଶିକ୍ଷକ ଏହେସାସ ହୋତା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଟିମକୁ ନେଇ ଯାଉଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି। ମାର୍ଚ୍ଚ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ କେରଳ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଉଥିବା ଏହି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାରତର ଶତାଧିକ ବିଶ୍ୱବିଦ୍ୟାଳୟରୁ ଖେଳାଳିମାନେ ଅଂଶଗ୍ରହଣ କରିବେ।




୪ କ୍ରୀଡ଼ାବିତ୍‌ଙ୍କ ସହ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ ଡାଇରେକ୍ଟର।

# ବୌଦ୍ଧରେ ବିଜେଡିର ପ୍ରଚାର ଜୋରଦାର

ବୌଦ୍ଧ,୨୦।୩ (ସ୍ୱ.ପ୍ର.)

**ସାମିଲ ହେଲେ କନ୍ଧମାଳ ଏମ୍‌ପି**

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ସବୁ ଦଳର ପ୍ରଚାର ଜୋରଦାର ଚାଲିଛି । ରବିବାର କନ୍ଧମାଳ ଏମ୍‌ପି ଡା. ଅଚ୍ୟୁତାନନ୍ଦ ସାମନ୍ତ ଓ ବିଧାୟକ ପ୍ରଦିପ କୁମାର ଅମାତ ପ୍ରଚାରରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବୁଢୁପାଲିଠାରୁ ଏମ୍‌ପି ଡ. ସାମନ୍ତଙ୍କୁ ସ୍ୱାଗତ କରାଯିବା ସହିତ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା।

ଦଳର ଯୁବ କର୍ମୀମାନେ ମୋଟର ସାଇକେଲ ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ପ୍ରତ୍ୟେକ ୱାର୍ଡରେ ମହିଳା କର୍ମୀମାନେ ଶୋଭାଯାତ୍ରାକୁ ସ୍ୱାଗତ କରିବା ସହ ପ୍ରଚାରରେ ସାମିଲ ହୋଇଥିଲେ। ବିଜେଡିରେ ମୁଖ୍ୟମନ୍ତ୍ରୀଙ୍କଠାରୁ ୱାର୍ଡସଭ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ମିଶାଇ ଗୋଟିଏ ମୁଠି ବୋଲି ପ୍ରକାଶ କରିବା ସହିତ ଦଳୀୟ ଅଧକ୍ଷ ପ୍ରାର୍ଥୀ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ସମସ୍ତ ୱାର୍ଡସଭ୍ୟାସଭ୍ୟଙ୍କୁ ବିପୁଳ ଭୋଟରେ ଜିତାଇ ଜିଲାରେ ବିକାଶର ଧାରା ବଜାୟ ରଖିବାକୁ ବୌଦ୍ଧର ସଚେତନ ନାଗରିକମାନଙ୍କୁ ଏମ୍‌ପି ଡ. ସାମନ୍ତ ନିବେଦନ କରିଥିଲେ। ଏହି ପ୍ରଚାର ଶୋଭାଯାତ୍ରାରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସହ ଏମ୍‌ପିଙ୍କ ପ୍ରତିନିଧି ତାରେଣି ମହାପାତ୍ର, ବସନ୍ତ କୁମାର ସ୍ୱାଇଁ, ଡା. ଗିରିଜା ଶଙ୍କର ପାଢୀ, ଚନ୍ଦ୍ର ଶେଖର ପ୍ରଧାନ, ସୁମନ ଷଡଙ୍ଗୀ ଓ ଦଳୀୟ ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକଙ୍କ ସମେତ ଏକ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଓ ଦଳୀୟ କର୍ମୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ଅବସରରେ ନୂଆସାହି ଓ ବାପୁଜୀନଗରଠାରେ ପଥପ୍ରାନ୍ତ ସଭା କରାଯାଇ ଏମ୍‌ପି ଓ ଅଧକ୍ଷ ପ୍ରାର୍ଥୀ ମିଶ୍ର ଭୋଟଦାନ ପାଇଁ ବସ୍ତି ବାସିନ୍ଦାମାନଙ୍କୁ ନିବେଦନ କରିଥିଲେ। ଆଜିର ମାରାଥନ୍ ପ୍ରଚାର ପରେ ବିଜେଡିର ଦଳୀୟ କର୍ମୀଙ୍କ ମଧରେ ନୂତନ ଉତ୍ସାହ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ଚଳିତ ପୌର ନିର୍ବାଚନରେ ବିଜେଡିର ସ୍ଥିତି ଦୃଢ ରହିଛି । ତେବେ ଭୋଟ ପ୍ରଚାରର ଶେଷ ପର୍ଯ୍ୟାୟରେ ବିଜେଡିର ଶକ୍ତି ପ୍ରଦର୍ଶନ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ଲାଭଦାୟକ ହେବାର ସମ୍ଭାବନା ରହିଛି। ସେପଟେ କଂଗ୍ରେସ ଓ ଭାଜପା ପକ୍ଷରୁ ସହରର ବିଭିନ୍ନ ସାହିରେ ସ୍ଥାନୀୟ ନେତାଙ୍କୁ ନେଇ ପ୍ରଚାର ଜୋରଦାର କରାଯାଇଛି।



ବୌଦ୍ଧ ସହରରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ନିର୍ବାଚନ ପ୍ରଚାର କରୁଛନ୍ତି।